# ଲକ୍ଷ୍ମଣଙ୍କ ବିରୋଧରେ ଆଦିବାସୀଙ୍କ ମେଳି








**କଣ୍ଟାବାଞ୍ଜି, ୧୭ ।୬(ସମିସ)**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ଲକ୍ଷ୍ମଣ ବାଗ ଏକ ଟିଭି ଚ୍ୟାନେଲରେ ସାକ୍ଷାତକାର ଦେବାବେଳେ ଆଦିବାସୀଙ୍କ ପ୍ରତି ବିବାଦୀୟ ଶବ୍ଦ ବ୍ୟବହାର କରିଛନ୍ତି। ଜିଲ୍ଲା ଆଦିବାସୀ କଲ୍ୟାଣ ସଙ୍ଘ ଏହାର ବିରୋଧରେ କରି ବିଧାୟକଙ୍କ ନାଁରେ ବିଭିନ୍ନ ଥାନାରେ ଏତଲା ଦେଇଛି। ବୁଧବାର କଣ୍ଟାବାଞ୍ଜିରେ ଶହ ଶହ ଆଦିବାସୀ ମେଳି କରିଥିଲେ। କଣ୍ଟାବାଞ୍ଜି ଜଗନ୍ନାଥ ମନ୍ଦିରଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି କଣ୍ଟାବାଞ୍ଜି ଥାନାରେ ପହଞ୍ଚି ଥିଲେ। ସେଠାରେ ବିଧାୟକ ଲକ୍ଷ୍ମଣ ବାଗଙ୍କ ବିରୋଧରେ ଏତଲା ଦେଇଥିଲେ। ସର୍ବସାଧାରଣରେ ବିଜେପି ବିଧାୟକ ଶ୍ରୀ ବାଗ ଆଦିବାସୀ ଜାତିକୁ ଅପମାନିତ କରିଛନ୍ତି। ଏହାଦ୍ୱାରା ସମଗ୍ର ଆଦିବାସୀ ଜାତି ସମାଜ, ସମ୍ପ୍ରଦାୟର ଇଜ୍ଜତ, ମହତ, ମାନ, ସମାନ, ମର୍ଯ୍ୟାଦା ପ୍ରତି କଠୋର ଆଘାତ ହୋଇଛି। ଆଦିବାସୀଙ୍କୁ ସର୍ବସାଧାରଣରେ ଲଜ୍ଜିତ ଏବଂ ବଦନାମ କରିବା ପାଇଁ ଶ୍ରୀ ବାଗ ହୀନ ମନ୍ତବ୍ୟ ପ୍ରକାଶ କରିଛନ୍ତି। ଶ୍ରୀ ବାଗ ବିଧାୟକ ନ ହେବା ପୂର୍ବରୁ ମଧ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଗାଳିଗୁଲଜ, ମାଡପିଟ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏବେ ଜାଣିଶୁଣି ଆଦିବାସୀ ଜାତିକୁ ଘୋର ନିନ୍ଦା ବଦନାମ ଅପମାନ କରିବା ଉଦ୍ଦେଶ୍ୟରେ ଅସଭ୍ୟ ଭାଷା ପ୍ରୟୋଗ କରିଛନ୍ତି। ଏହା ଆଦିବାସୀ ଜାତି ସମାଜର ବିଶେଷ ସାମାଜିକ, ସାଂସ୍କୃତିକ କ୍ଷତି ହୋଇଛି ବୋଲି ଏତଲାରେ ଦର୍ଶାଯାଇ ତାଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ଆଦିବାସୀ ଦୂଷିତ ନୁହେଁ। ଆଦିବାସୀ ଏକ ପବିତ୍ର ଜାତି। ଆଦିବାସୀଙ୍କ ଭୋଟରେ ସେ ବିଧାୟକ ହୋଇଛନ୍ତି। ବିଧାୟକଙ୍କ ଉପରେ ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ ଜୋରଦାର୍ କରାଯିବ ବୋଲି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟନାରାୟଣ ଭୋଇ କହିଛନ୍ତି। ସେହିଭଳି ଶିକ୍ଷା ଅଭାବ ହେତୁ ସେ ଏହିଭଳି ଭାଷା ପ୍ରୟୋଗ କରୁଛନ୍ତି ବୋଲି ଆଦିବାସୀ ନେତା ଗିରିରାଜ ସିଂ ମାଝୀ କହିଛନ୍ତି। ଅନ୍ୟପକ୍ଷେ ବିଧି ନ ଜାଣି ବିଧାୟକ ହେବା ନିଶ୍ଚିତ ନିନ୍ଦନୀୟ ଏବଂ ଦୁଃଖଦ ଘଟଣା। ଦେଶରେ ଆଦିବାସୀ ମହିଳା ରାଷ୍ଟ୍ରପତି ଏବଂ ରାଜ୍ୟରେ ଆଦିବାସୀ ମୁଖ୍ୟମନ୍ତ୍ରୀ। ସେହି ଦୃଷ୍ଟି କୋଣରୁ ସମଗ୍ର ସମାଜର ସମ୍ମାନ ହାନୀ ହୋଇଛି। ତେଣୁ ତାଙ୍କୁ ଗିରଫ କରାଯାଉ ବୋଲି ଆଦିବାସୀ ନେତା ଗିରିରାଜ ଭୋଇ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଦିବାସୀ କଲ୍ୟାଣ ସଂଘ କଣ୍ଟାବାଞ୍ଜି ନଗର ସଭାପତି ଗୋବିନ୍ଦ ବର୍ଗେ, ମୁରିବାହାଲ ବ୍ଲକ ସଭାପତି ଲକ୍ଷ୍ମୀ ଧରୁଆ, ଦୈତାରୀ ଭୋଇ, ନରୋତ୍ତମ ମାଝି, ପୁରୁଷୋତ୍ତମ ଧରୁଆ, ପ୍ରସୁଦନ ମାଝି, ଆମର ସିଂ ମାଝୀ, ଲଡିତ ଜାନୀ, ଚକ୍ର ଜାନୀ, ଖେଲନ୍ତି ସମରତ, ଭୂମିସୂତା ସମର୍ଥଙ୍କ ସହ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଶହ ଶହ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରା**

**ଏତଲା ଦେଲା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ**

**କେବଳ ଆଦିବାସୀ ସମାଜ ନୁହେଁ; ରାଷ୍ଟ୍ରପତି ଓ ମୁଖ୍ୟମନ୍ତ୍ରୀଙ୍କୁ ବି ଅପମାନ**

**କାର୍ଯ୍ୟାନୁଷ୍ଠାନ ନ ହେଲେ ବଡ଼ ଆନ୍ଦୋଳନ ଚେତାବନୀ**

## ବଲାଙ୍ଗିରରେ ୨୦ ପର୍ଯ୍ୟନ୍ତ ବଢ଼ିଲା ଛୁଟି

**ବଲାଙ୍ଗିର, ୧୭ ।୬(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗରମକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଗ୍ରୀଷ୍ମ ଛୁଟି ପରେ ଗୁରୁବାର ସ୍କୁଲ ଖୋଲିବା କଥା; କିନ୍ତୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ନିଆଯାଇଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ତାପମାତ୍ରା ଅଧିକ ରହୁଥିବାରୁ ଛାତ୍ରଛାତ୍ର ହିଟ୍‌ୱେଭ୍‌ର ପ୍ରଭାବରୁ ରକ୍ଷା ପାଇବା ପାଇଁ ଛୁଟି ବଢ଼ାଇ ଦିଆ ଯାଇଥିବା ସୂଚନା ମିଳିଛି। ତେବେ ଏହି ଭିତରେ ଥିବା ପରୀକ୍ଷା ଗୁଡିକ ସକାଳ ୬.୩୦ରୁ ୧୦.୩୦ ମଧ୍ୟରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ, ପ୍ରଥମିକ ଚିକିତ୍ସା ସୁବିଧା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା ନିଶ୍ଚିତ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ପାଣିପାଗର ସ୍ଥିତିକୁ ଅନୁଧ୍ୟାନ କରି ପରବର୍ତ୍ତୀ ସମୟରେ ସ୍କୁଲ ସମୟସୂଚୀରେ ଆବଶ୍ୟକ ପରିବର୍ତ୍ତନ କରାଯିବ ବୋଲି ପ୍ରଶାସନ ସୂଚନା ଦେଇଛି।

## ଚିକିତ୍ସା ଅଭାବରୁ ନବଜାତ ଶିଶୁର ମୃତ୍ୟୁ

**ପାଟଣାଗଡ଼, ୧୭ ।୬(ସମିସ):** ପାଟଣାଗଡ଼ ଡାକ୍ତରଖାନାରେ ବୁଧବାର ଡାକ୍ତରଙ୍କ ଅନୁପସ୍ଥିତ ଯୋଗୁଁ ଚିକିତ୍ସା ଅବହେଳାରୁ ନବଜାତକର ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପାଟଣାଗଡ଼ ପୁଲିସ ପହଞ୍ଚି ବୁଝାସୁଝା କରିବାରୁ ସ୍ଥିତି ଶାନ୍ତ ପଡ଼ିଛି। ମଙ୍ଗଳବାର ସନ୍ଧ୍ୟା ୭ଟା ସମୟରେ ପାଟଣାଗଡ଼ ଥାନା ଚିଙ୍ଗେରବନ୍ଧ ଗାଁର ଶରତ ମେହେରଙ୍କ ସ୍ତ୍ରୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରସବ କରାଇବା ପାଇଁ ରାତିସାରା କୌଣସି ଡାକ୍ତର ନ ଥିଲେ। ଡ୍ୟୁଟିରେ ଥିବା ନର୍ସ ଚିକିତ୍ସା ଭାର ସମ୍ଭାଳିଥିଲେ। ଡାକ୍ତର ଅନୁପସ୍ଥିତ ଥିବାରୁ ପରିବାର ତରଫରୁ ବାରମ୍ବାର ବଲାଙ୍ଗିର ସ୍ଥାନାନ୍ତର ପାଇଁ କୁହାଯାଉଥିଲା; କିନ୍ତୁ ଏଠାରେ ପ୍ରସବ ହୋଇଯିବ ବୋଲି ନର୍ସ କହିଥିଲେ। ସନ୍ଧ୍ୟା ସମୟରୁ ମହିଳା ଜଣକ ଭର୍ତ୍ତି ହୋଇ ରାତିସାରା ପ୍ରସବ ଯନ୍ତ୍ରଣା ଭୋଗିଥିଲେ। ବୁଧବାର ସକାଳ ୬ଟା ବେଳେଗୋଟିଏ ମୃତସନ୍ତାନ ଜନ୍ମ ଦେଇଥିଲେ। ଏହି ଘଟଣାକୁ ନେଇ ପରିବାର ଲୋକେ ପାଟିତୁଣ୍ଡ କରିବାରୁ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରି ଘଟଣାର ତଦନ୍ତ ପାଇଁ କହିଥିଲା। ତେବେ ଏସଡିଏମଓ ସରୋଜ ସ୍ୱାଇଁ ରାତିରେ ଡାକ୍ତର ନ ଥିବା ସ୍ୱୀକାର କରିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ଖଣି ଲିଜ୍ ସମୟସୀମା ବୃଦ୍ଧିକୁ ନେଇ ତାତିଲେ ନରସିଂହ

**ବଲାଙ୍ଗିର, ୧୭ ।୬(ସମିସ):** ରାଜ୍ୟ ସରକାର ଯେଉଁ ଖଣି କମ୍ପାନୀକୁ ଯେତେ ବର୍ଷ ପାଇଁ ଲିଜ ଦେଇଛନ୍ତି ସେହି ସମୟସୀମା ପୂରଣ ହୋଇଗଲେ ପୁଣି ସେହି ଖଣି ପାଇଁ ନିଲାମ ଡାକିବା କକୁ ରଆଉ ୫ ବର୍ଷ ୧୦ ମାସ ଖଣି ଖନନ ପାଇଁ ହାଇକୋର୍ଟ ଅତିରିକ୍ତ ସମୟ ପ୍ରଦାନ କରିଛନ୍ତି। ଏହା ଆଇନ ସମ୍ମତ ନୁହେଁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ୍‌ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ଏହି ଘଟଣାରେ ହସ୍ତକ୍ଷେପ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟ ଯିବା ଦରକାର ବୋଲି ସେ କହିଛନ୍ତି।

## ୧୦ ମାସର ଶିଶୁକୁ ଭୁଲ୍ ଔଷଧ ବିତରଣ

**ଟିଟିଲାଗଡ଼, ୧୭ ।୬(ସମିସ):** ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ନିରାମୟ କେନ୍ଦ୍ରରେ ଜଣେ ୧୦ ମାସର ଶିଶୁକୁ ଭୁଲ୍ ଔଷଧ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଟିଟିଲାଗଡ଼ ହାଟପଦାପଡ଼ାର ରାଜ ବରର୍ତ୍ତି ତାଙ୍କ ୧୦ ମାସର ଝିଅକୁ ଜ୍ୱର ହେଉଥିବା ଯୋଗୁଁ ସେ ଚିକିତ୍ସା ପାଇଁ ଡାକ୍ତରଖାନା ଆଣିଥିଲେ। ଡାକ୍ତର ଶିଶୁଟିକୁ ପରୀକ୍ଷା କରି ଆବଶ୍ୟକ ଔଷଧ ଲେଖି ଦେଇଥିଲେ। ତେବେ ଔଷଧ ବିତରଣ ନିରାମୟ କେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ରୀନା ବେହେରା ପ୍ରେସକ୍ରିପସନ୍‌ରେ ଲେଖା ଥିବା ଔଷଧ ବଦଳରେ ତାଙ୍କୁ ଅନ୍ୟ ଔଷଧ ଦେଇଥିଲେ। ଶିଶୁର ବାପା ଘରକୁ ଯାଇ ଡାକ୍ତର ଲେଖିଥିବା ଔଷଧ ଓ ତାଙ୍କୁ ଦିଆଯାଇଥିବା ଔଷଧ ଅଲଗା ଥିବା ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ଶ୍ରୀ ବରର୍ତ୍ତି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ପରେ ସମ୍ପୃକ୍ତ ଫାର୍ମାସିଷ୍ଟ ନିଜ ଭୁଲ୍ ସ୍ୱୀକାର କରିବା ସହ ଠିକ୍ ଔଷଧ ଘରେ ପହଞ୍ଚାଇ ଦେବାକୁ କହିଥିଲେ। ତେବେ ଘଟଣା ସମ୍ପର୍କରେ କାହାକୁ ଅଭିଯୋଗ ନ କରିବାକୁ ତାଙ୍କ ଉପରେ ଚାପ ପକାଉଥିବା ଶ୍ରୀ ବରର୍ତ୍ତି ଅଭିଯୋଗ କରିଛନ୍ତି। ଘଟଣା କୁ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପଚରା ଯିବାରୁ ଏହା ଭୁଲ୍ ବଶତଃ ହୋଇଥିବା ଏବଂ ସମ୍ପୃକ୍ତ ଫାର୍ମାସିଷ୍ଟ ଏଥିପାଇଁ ଶିଶୁର ବାପାଙ୍କୁ ଭୁଲ୍ ମାଗିଥିବା ଜଣାଇଛନ୍ତି।

## କଣ୍ଟାବାଞ୍ଜି ତହସିଲ ଅଫିସ ଘେରଉ




**କଣ୍ଟାବାଞ୍ଜି, ୧୭ ।୬(ସମିସ):** ଜଙ୍ଗଲ ଜମିରେ ବସବାସ କରୁଥିବା ଏବଂ ଚାଷ କରୁଥିବା ଲୋକଙ୍କୁ ଅଧିକାର ପ୍ରଦାନରେ ଅବହେଳା ହେଉଥିବା ଓଡ଼ିଶା ଜନତା କଂଗ୍ରେସ ଅଭିଯୋଗ କରିଛି। କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଜିଲ୍ଲା ସଂଯୋଜକ ରୂପେଶ ବେହେରାଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସରକାର ବିରୋଧରେ ନାରାବାଜି କରିଥିଲେ। ଏନେଇ କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବନ ଅଧିକାର ଆଇନ-୨୦୦୬ ଅନୁସାରେ ଯୋଗ୍ୟ ହିତାଧିକାରୀମାନେ ଏପର୍ଯ୍ୟନ୍ତ ଠିକ୍ ଭାବେ ଜମିର ପଟ୍ଟା ପାଇପାରିନାହାନ୍ତି। କେତେକ ଆବେଦନ ବିନା କାରଣରେ ଖାରଜ ହୋଇଛି ବୋଲି ଓଡ଼ିଶା ଜନତା କଂଗ୍ରେସ ଅଭିଯୋଗ କରିଛି। ଜଙ୍ଗଲ ଜମିରେ ବର୍ଷ ବର୍ଷ ଧରି ଚାଷ କରୁଥିବା ଏବଂ ବସବାସ କରୁଥିବା ପରିବାରଙ୍କୁ ଶୀଘ୍ର ଜମି ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛି। ରୂପେଶ ବେହେରା, ଅରୁଣ ତାଣ୍ଡି, ବିକାଶ ବେହେରା, କୁଶଧର ମାଝି, ପ୍ରହଲ୍ଲାଦ ବେହେରା, ଲକ୍ଷ୍ମଣ ମାଝି, କୈଳାସ ତାଣ୍ଡି, ତପେଶ୍ୱର ତାଣ୍ଡି ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୫ ଲକ୍ଷ ଟଙ୍କା ଫେରିପାଇଲେ ବୃଦ୍ଧା

**ବଲାଙ୍ଗିର, ୧୭ ।୬(ସମିସ):** ବଲାଙ୍ଗିର ସଦର ଥାନା ଅଧୀନ ବଡ଼ ତେଲେନପାଲି ଗ୍ରାମର ବୃଦ୍ଧା ପୁରାଣ ଧରୁଆ ୫ ଲକ୍ଷ ଟଙ୍କା ଫେରି ପାଇଛନ୍ତି। ଜଣେ ଦୁର୍ବୃତ୍ତ ଠକେଇ କରି ତାଙ୍କ ଆକାଉଣ୍ଟରୁ ଏହି ଟଙ୍କା ଲୁଟି ନେଇଥିଲେ। ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜି ଇସଲୱାର ଏବଂ ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜିଙ୍କ ମିଳିତ ଓ ତ୍ୱରାନ୍ୱିତ ଉଦ୍ୟମ ଯୋଗୁଁ ବୃଦ୍ଧା ଜଣକ ଟଙ୍କା ଫେରି ପାଇଛନ୍ତି। ତାଙ୍କ ସ୍ୱାମୀ, ପୁଅଝିଅ ମଧ କେହି ନାହାନ୍ତି। ସୁକତେଲ ପ୍ରକଳ୍ପ ବିସ୍ଥାପନ ବାବଦକୁ ମିଳିଥିବା କ୍ଷତିପୂରଣ ଟଙ୍କାକୁ ସେ ଜମା ରଖିଥିଲେ। ଟଙ୍କା ଉଠାଇବାକୁ ଯାଇ ଆକାଉଣ୍ଟ ଶୂନ ବୋଲି ଜାଣିବାକୁ ପାଇଥିଲେ। ଏହାପରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଅଭିଯୋଗ ଶୁଣାଣିରେ ସେ ଏ ନେଇ ଅଭିଯୋଗ କରିବା ପରେ ମାମଲାର ଗୁରୁତ୍ୱ ବଢ଼ିଥିଲା।

## ୩ ମାସର ଭତ୍ତା ପ୍ରଦାନ ଦାବିରେ ବିକ୍ଷୋଭ




**କଣ୍ଟାବାଞ୍ଜି, ୧୭ ।୬(ସମିସ):** ରାଜ୍ୟରେ ଡବଲ ଇଂଜିନ ସରକାର ଆସିବା ପରେ ଭତ୍ତା ପାଇଁ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଗତ ୩ ମାସ ହେଲା ବାର୍ଦ୍ଧକ ଭତ୍ତା ମିଳିନି। ଏହାକୁ ନେଇ ବୁଧବାର କଣ୍ଟାବାଞ୍ଜି ଏନଏସି ଅଫିସ ସମ୍ମୁଖରେ ହିତାଧିକାରୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦେବଦତ୍ତ ମଜଖଣ୍ଡ, ଚୈତନ୍ୟ ହଂସଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡର ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ବିଧବାମାନେ ଏକଜୁଟ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ‘ବିକାଶ ଧାରା, ଓଡ଼ିଶା ସାରା’ କାର୍ଯ୍ୟକ୍ରମ



**କଣ୍ଟାବାଞ୍ଜି, ୧୭ ।୬(ସମିସ):** ତୁରେକେଲା ବ୍ଲକ କାର୍ଯ୍ୟାଳୟରେ ଓଡ଼ିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅଧୀନ ଜାତିଜନଜାତି ସମ୍ବାଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁରେକେଲା ବିଡ଼ିଓ ପୂର୍ଣ୍ଣନନ୍ଦ ପୁଟେଲଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ତୁରକେଲା ବ୍ଲକ ଅଧକ୍ଷା ପୂଜା ବେହେରା, ଅକ୍ଷୟ ମେହେର, ତୁରକେଲା ପଞ୍ଚାୟତ ସରପଞ୍ଚ ଜଳନ୍ଧର ମହାକୁଡ, ତୁରେକେଲା ସିଡ଼ିପିଓ ବାସନ୍ତୀ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ମଧ ଓଡ଼ିଶା ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ଚାଲିଥିବା ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ପ୍ରିୟ ରଞ୍ଜନ କୁମାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ଶଶିଭୂଷଣ ପାଣିଗ୍ରାହୀ, ଏବିଡିଓ ପୁଷ୍ପାଞ୍ଜଳି ନାଏକ, ବ୍ଲକ କୃଷି ଅଧିକାରୀ ଦାୟିତ୍ୱରେ ଥିବା ରୋହନ ଭୋଇ, ସହକାରୀ କୃଷି ଅଧିକାରୀ ତନ୍ମୟ ମୁନା, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧାରାଣୀ କହଁର, ଭିଏଏସ ଡା. ଓମ କୁମାର ସାହୁ ଓ ଡା. ରାକେଶ କୁମାର ବେଦବାକ ପ୍ରମୁଖ ମଞ୍ଚାସୀନ ଥିଲେ। କୁତୁର୍ଲାର ଚାଷୀ ଜେନା ରାଉତ, ଟେପ୍ରେନର ଜୟଦେବ ସିଂ ନିନା, ଉଡାର ନରେନ୍ଦ୍ର ଭୁକ୍ତା, ଶଶି ଭୂଷଣ ସାହୁ, ଜୈବିକ ସାରଓ ଅର୍କ ଉତ୍ପାଦକ ଭାବେ ବାବିଯୋର ଗାଁର ପୁଷ୍ପାଞ୍ଜଳୀ ସାହୁ ଓ ଜୈବିକ କୃଷିର ପ୍ରବର୍ତ୍ତକ ଭାବେ ଏଫଇଏସର ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।




## ପୁରୁଣାପାଣିରେ ଶୀତଳଷଷ୍ଠୀ ମହୋତ୍ସବ ଉଦ୍‌ଘାଟିତ



**ଦେଓଗାଁ, ୧୭।୬(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ପୁରୁଣାପାଣିରେ ୨୨ତମ ଶିବ ପାର୍ବତୀ ବିବାହୋତ୍ସବ ଅବସରରେ ଆଞ୍ଚଳିକ ଶୀତଳଷଷ୍ଠୀ ମହୋତ୍ସବ ପରିଚାଳନା କମିଟି ଆନୁକୂଲ୍ୟରେ ୪ଦିନ ଧରି ହେବାକୁ ଥିବା ପଞ୍ଚମ ଶୀତଳ ଷଷ୍ଠୀ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଦିବସରେ ପ୍ରଥମେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥଲା। ମଶାଲଯାତ୍ରାକୁ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ ଯୋଗଦେଇ ସ୍ୱାଗତ କରିଥିଲେ। ମୟ ପ୍ରଧାନୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ହାତୀସରା ସମିତିସଭ୍ୟ ବିଶ୍ୱଜିତ ପାତ୍ର, ମକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ, ସରପଞ୍ଚ ଜାନକୀ ସାହୁ, ନୂଆପଡ଼ା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ବିଶ୍ୱଜିତ କଲତା ତଥା ରାଜକିଶୋର ମେହେର ପ୍ରମୁଖ ଯୋଗଦେଇ ମହୋତ୍ସବ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଏକତାରେ ବାନ୍ଧିରଖେ ଓ ବିକାଶର ଧାରା ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଫଟକରାର ଅନୀଲ ନାଏକଙ୍କ ଦଳ ଦ୍ୱାରା ଜଳନ୍ଧର ଦରବାର ଆରମ୍ଭ ହୋଇଥିଲା। ପରିଶେଷରେ ବରିଷ୍ଠ କଳାକାର ଦିଲୀପ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗିରକୁ ୧୪ ପଦକ ମିଳିଲା



**ବଲାଙ୍ଗିର, ୧୭ ।୬(ସମିସ):** ଖୋର୍ଦ୍ଧାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ନବମ ଓଡ଼ିଶା ପେନଚାକ୍ ସିଲାଟ ଚାମ୍ପିଅନସିପ୍ ସମାପ୍ତ ହୋଇଛି। ତିନି ଦିନ ବ୍ୟାପି ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୧୮ ଟି ଜିଲ୍ଲାରୁ ପ୍ରାୟ ୫୦୦ ଜଣ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗିର ପେନ୍‌ଚାକ୍ ସିଲାଟ ଆସୋସିଏସନ୍‌ର ୧୦ ଜଣ ଛାତ୍ରଛାତ୍ରୀ ସମ୍ପାଦକ ତଥା ପ୍ରଶିକ୍ଷକ ପ୍ରଶାନ୍ତ ପାତ୍ରଙ୍କ ନେତୃତ୍ୱରେ ଅଂଶଗ୍ରହଣ କରି ୧୪ଟି ପଦକ ଜିତିଛନ୍ତି। ଖୁସିରାମ ସେଠ୍ ତୁଙ୍ଗଲ ଓ ଟେଣ୍ଡିଙ୍ଗ ବିଭାଗରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରାଜଲକ୍ଷ୍ମୀ ଦାସ ଟେଣ୍ଡିଙ୍ଗରେ ସ୍ୱର୍ଣ୍ଣ ଏବଂ ତୁଙ୍ଗଲରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁଶ୍ରୀ ଦେବାଂଶୀ ଟେଣ୍ଡିଙ୍ଗରେ ସ୍ୱର୍ଣ୍ଣ ଓ ତୁଙ୍ଗଲରେ ରୌପ୍ୟ ପଦକ ହାସଲ କରିଥିଲେ। ସୋମ ନାରାୟଣ ଦୀପ ଟେଣ୍ଡିଙ୍ଗ ଓ ତୁଙ୍ଗଲ ଉଭୟ ବିଭାଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅବିନାଶ ମଲ୍ଲିକ ଏବଂ ସିଜଲ ପାଣିଗ୍ରାହୀ ଟେଣ୍ଡିଙ୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି।

# କଂଗ୍ରେସର ପାଟଣାଗଡ଼ ଏନ୍‌ଏସି ଘେରଉ

**ପାଟଣାଗଡ଼, ୧୭ ।୬ (ସମିସ)**




ପାଟଣାଗଡ଼ ଏନଏସିରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଏହି ଦୁର୍ନୀତିର ମୁଖ୍ୟ ଖଳନାୟକ ହେଉଛନ୍ତି ଏନଏସି ଇଓ ନାରାୟଣ ଦଣ୍ଡସେନା। ଇଓଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ହୋଇଥିବା ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଦାବି ନେଇ ବୁଧବାର ଜିଲ୍ଲା କଂଗ୍ରେସ ସଭାପତି ଅନିଲ ମେହେରଙ୍କ ନେତୃତ୍ୱରେ ନଗର ଓ ଯୁବ କଂଗ୍ରେସ ତରଫରୁ ପାଟଣାଗଡ଼ ଏନଏସି ଘେରଉ ସହ ଏନଏସି ସମ୍ମୁଖ ଗେଟ୍‌ରେ ତାଲା ଦେଇ ପ୍ରତିବାଦ କରାଯାଇଛି। ଉପସଭାପତି ଅଜିତ ପୁରୋହିତଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ରାମପୁରଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ସରକାର ହାଏ ହାଏ, ଏନଏସି ଇଓ ମୁର୍ଦାବାଦ ଆଦି ନାରାଦେଇ ପାଟଣାଗଡ଼ ଏନଏସି ପର୍ଯ୍ୟନ୍ତ ପହଞ୍ଚିଥିଲେ। ଏନଏସି ପରିସରରେ ପହଞ୍ଚି ପ୍ରଥମେ ଅଫିସର ମୁଖ୍ୟ ଗେଟରେ ତାଲା ପକାଇ ଦେଇଥିଲେ। ପରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଏନଏସି ଇଓଙ୍କ ଦୁର୍ନୀତି ବିରୋଧରେ ଗର୍ଜିଥିଲେ। ଏନଏସି ଇଓ ନାରାୟଣ ଦଣ୍ଡସେନାଙ୍କ କୁଶ ପୁତ୍ତଳିକାରେ ଚପଲ ମାଡ଼ କରିଥିଲେ। କାଦୋପଡ଼ା ଡ୍ରେନ କାମରେ ମହା ଦୁର୍ନୀତି ହୋଇଛି। ଏହାର ତଦନ୍ତ ସହ ଠିକାଦାର, ଇଓ ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ନୂତନ ଡ୍ରେନ ନିର୍ମାଣ, ସହରର ମେନାବନ୍ଧରେ ପଚାଶ ଲକ୍ଷ ଟଙ୍କାରେ ହୋଇଥିବା ପଙ୍କୋଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାମରେ ଦୁର୍ନୀତିର ତଦନ୍ତ, ଏନଏସି ଇଓ ବିନା ଟେଣ୍ଡରରେ ଠିକାଦାରଙ୍କୁ କାମ ଦେବାର ତଦନ୍ତ, ବସଷ୍ଟାଣ୍ଡଠାରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ଯାତ୍ରୀଙ୍କ ପାଇଁ ୨୪ ଘଣ୍ଟିଆ ଖୋଲାଯିବା, ଧୂମାଭଟା ରୋଡ଼ରେ ଥିବା ଉଠା ଦୋକାନୀଙ୍କୁ ବିନା ଥଇଥାନରେ ଭଙ୍ଗାଯିବା, ବର୍ଷା ପୂର୍ବରୁ ସମସ୍ତ ଡ୍ରେନ, ନାଳା ଆଦିର ସଫେଇ, ସହରର ଜନସାଧାରଣଙ୍କ ପାଇଁ ଆସୁଥିବା ବ୍ଲିଚିଙ୍ଗ ପାଉଡର, ମଶା ଧୂପ ଓ ଫିନାଇଲ ଲୋକଙ୍କୁ ନ ଦେଇ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି, କିଛି ମାସ ତଳେ ଇଓ ଓ ଅନ୍ୟ କର୍ମଚାରୀ ମଲ୍ଲିକ ଓ ସାହୁ ବାବୁଙ୍କ ଏକ ଲାଞ୍ଚ କାରବାରର ଅଡ଼ିଓ ଭାଇରାଲ ହୋଇଥିଲା ତାକୁ ଚାପିଦିଆଗଲା। ଏହାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ କଂଗ୍ରେସ କାର୍ଯ୍ୟକର୍ତ୍ତା। ଏନଏସି ଇଓ କାଉନସିଲର ବିରୋଧରେ ନିଜ ମର୍ଜିରେ କାମ ସବୁ କରାଉଛନ୍ତି। ତାହା ସମ୍ପୂର୍ଣ୍ଣ ବେଆଇନ। କାହା ନିର୍ଦ୍ଦେଶରେ ଇଓ ଏଭଳି ସାହସ କରୁଛନ୍ତି। ତୁରନ୍ତ ଏହି ସବୁ ଦାବିଗୁଡିକର ଉଚ୍ଚ ସ୍ତରୀୟ ତଦନ୍ତ ସହ ଦୁର୍ନୀତିରେ ସମ୍ପୃକ୍ତ ଥିବା ଇଓ ଓ ଅନ୍ୟ କର୍ମଚାରୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ ଆଗାମୀ ଦିନରେ ଇଓଙ୍କୁ କଳା ବୋଳି ଗଧରେ ବସାଇ ସହର ସାରା ବୁଲାଇବୁ ଓ ଏହାରି ପ୍ରତିବାଦରେ ପାଟଣାଗଡ଼ ବନ୍ଦ ଡାକରା ଦିଆଯିବ ବୋଲି କହିଥିଲେ ଯୁବ କଂଗ୍ରେସ ଉପସଭାପତି ଶ୍ରୀ ପୁରୋହିତ। ପରେ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ ପହଞ୍ଚି ଦାବିପତ୍ର ଗ୍ରହଣ କରିଥିଲେ। ପାଟଣାଗଡ଼ ବ୍ଲକ ସଭାପତି ସାଧୁଚରଣ ମେହେର, ନଗର କଂଗ୍ରେସ ସଭାପତି ବିଦ୍ୟାଧର ମେହେର, ଯୁବ କଂଗ୍ରେସ ସଭାପତି ଚନ୍ଦନ ସାହୁ, ବେଲପଡ଼ା ବ୍ଲକ ସଭାପତି ବିକାଶ ମେହେର, ବରିଷ୍ଠ ସଦସ୍ୟ ତଥା ଜିଲ୍ଲା ସାଧାରଣ ସମ୍ପାଦକ ବନମାଳୀ ମେହେର, ମହିଳା ନେତ୍ରୀ ମନିସା ସାହୁ, କେଶବ ଶିକାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବିବାହରେ ସାମିଲ ହେବାକୁ ନିମନ୍ତ୍ରଣ ଦେଲେ ହନୁମାନ

## ■ ଝାଡ଼ୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବା



ସମ୍ବଲପୁର, ୧୭।୬ (ସମିସ) : ଝାଡ଼ୁଆପଡ଼ାର ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ବିବାହ ସକାଶେ ଶୀତଳଷଷ୍ଠୀ ପୂଜକ ମହେନ୍ଦ୍ର ପୂଜାରୀ ଓ ମନ୍ଦିର ପୂଜକ ରାମନାଥ ମହାପାତ୍ର ପ୍ରମୁଖ ନଡ଼ିଆ, ଗୁଆ ଓ ମିଷ୍ଟାନ୍ନ ସହ ବିବାହ ନିମନ୍ତ୍ରଣ କରିଥିଲେ। ବ୍ରହ୍ମପୁରା ମନ୍ଦିର, ବମ୍‌ବରାଡ ବାଲୁଙ୍କେଶ୍ୱର ବାବା ମନ୍ଦିର, ବରିହା ମନ୍ଦିର, ଗୌର ମଠ, ଦଧିବାମନ ମନ୍ଦିର, ଟିମିନି ଗୁଡ଼ି, ଭାଗବତ ମନ୍ଦିର, ହୁତାପଡ଼ା ମନ୍ଦିର ଆଦିକୁ ଯାଇ ଦେବ ନିମନ୍ତ୍ରଣ କରିଥିଲେ। ଝାଡ଼ୁଆପଡ଼ା ମନ୍ଦିରରୁ ବାହାରି ଗୌରମଠ ଗଳି, ଗୁରୁପଡ଼ା, ପଟ୍ଟନାୟକପଡ଼ା, କୁଞ୍ଜେଲପଡ଼ା ଆଦି ଅଞ୍ଚଳର ସମସ୍ତ ମନ୍ଦିରରେ ନିମନ୍ତ୍ରଣ କରିବାପରେ ଶ୍ରୀ ହନୁମାନ ମନ୍ଦିରକୁ ଫେରିଥିଲେ। ଆରଣ୍ୟକ ପତରପେଁଡ଼ି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କନ୍ୟା ଅନ୍ୱେଷଣରେ ଯାଇ ମହାନଦୀ କୂଳ୍‌ଠାରେ କନ୍ୟା ପିତାମାତା ଜୟବିଜୟ ବେଦି ଓ ପୁନମ ବେଦିଙ୍କ କନ୍ୟା ଜଗତ୍‌ଜନନୀ ମାତା ପାର୍ବତୀଙ୍କ ସହ ବିବାହ ପାଇଁ ଚୂଡ଼ାନ୍ତ କରାଯାଇଥିଲା। ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ମନ୍ଦିରରେ ପୂଜା କରାଯାଉଥିବା ଶ୍ରୀ ହନୁମାନ ଆଜି ମନ୍ଦିର ମନ୍ଦିର ବୁଲି ଦେବ ନିମନ୍ତ୍ରଣ କରିଛନ୍ତି। ଶ୍ରୀ ହନୁମାନଙ୍କ ସହ ବରପିତା ଅମରନାଥ ସୂପକାର, ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ସଞ୍ଜୟ ମିଶ୍ର, ସଞ୍ଜୀବ ପାଢ଼ୀ, ଅଭିଷେକ ମିଶ୍ର, ସୂର୍ଯ୍ୟ କୁମାର ମିଶ୍ର, ଶ୍ରୀମନ୍ତ ମିଶ୍ର ପ୍ରମୁଖଙ୍କ ସହ ଅଞ୍ଚଳବାସୀ ସାମିଲ ହୋଇଥିଲେ। ରାତି ୮ଟାରେ ଶ୍ରୀ ଶ୍ରୀ ଲୋକନାଥ ବାବାଙ୍କ ମନ୍ଦିରରେ ମହାଆଳତୀ କରାଯାଇଥିଲା।

## ■ ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା



ମୁଦିପଡ଼ାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବାଙ୍କ ବିବାହ ସକାଶେ ପତରପେଁଡ଼ି ପରେ ଆଜି ସନ୍ଧ୍ୟାରେ ବୀର ହନୁମାନ ବିଭିନ୍ନ ଦେବାଦେବୀଙ୍କୁ ବିବାହରେ ସାମିଲ ହେବାକୁ ନିମନ୍ତ୍ରଣ କରିଛନ୍ତି। ଏହି ଅବସରରେ ସନ୍ଧ୍ୟା ୭ଟାରେ ବୀର ହନୁମାନ ଏକ ସୁସଜ୍ଜିତ ରଥରେ ବସି ବାଜାଗଜା ସହ ପଡ଼ାର ବିଭିନ୍ନ ମନ୍ଦିରକୁ ଯାଇ ଦେବବିବାହ ନିମନ୍ତେ ନିମନ୍ତ୍ରଣ କରିଛନ୍ତି। ବରପିତା ମଧୁସୂଦନ ନେଗି, ମନ୍ଦିର ପୂଜକ ତାରକେଶ୍ୱର ନନ୍ଦ ଓ ବିବାହ ପୁରୋହିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଗୁଆ, ନଡ଼ିଆ ଓ ମିଷ୍ଟାନ୍ନ ସହ ନିମନ୍ତ୍ରଣ କରିଥିଲେ। ଏହି ଯାତ୍ରାରେ ଅଞ୍ଚଳର ରାଧାକୃଷ୍ଣ ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ଶନି ମନ୍ଦିର, ରାମ ମନ୍ଦିର, ଜଗନ୍ନାଥ ମନ୍ଦିର, ବାଟମଙ୍ଗଳା, ମାଉଳି ଗୁଡି ଓ ଭୈରବୀ ମନ୍ଦିର ଆଦିକୁ ଯାଇ ଦେବ ନିମନ୍ତ୍ରଣ କରିବାପରେ ଶ୍ରୀ ହନୁମାନ ଜାଗେଶ୍ୱର ବାବା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୁଦିପଡ଼ା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ସଭାପତି ସୁନୀଲ କୁମାର ଦାଶ, ସମ୍ପାଦକ ଗଙ୍ଗାଧର ଭୋଇ, କୋଷାଧ୍ୟକ୍ଷ ଖଡ଼ିରତ୍ନ ବେହେରା, ଉପସଭାପତି ଗତିକୃଷ୍ଣ ଷଡ଼ଙ୍ଗୀ, ମୁଖ୍ୟ ଆୟୋଜନ ସଚିବ ହିତେଶ ଟାଙ୍କ, ଆୟୋଜନ ସଚିବ ସୁଜିତ କର୍ଣ୍ଣ ପ୍ରମୁଖ ବହୁ ଯାତ୍ରା କମିଟି ସଦସ୍ୟ ଓ ଅଞ୍ଚଳବାସୀ ସାମିଲ ହୋଇଥିଲେ।

## ■ ବଡ଼ବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା



ବଡ଼ବଜାର ଶୀତଳେଶ୍ୱର ବାବାଙ୍କ ପତରପେଁଡ଼ି ଗତକାଲି ସମ୍ପନ୍ନ ହେବାପରେ ଆଜି ସନ୍ଧ୍ୟାରେ ଶ୍ରୀ ହନୁମାନ ମା' ସମଲେଶ୍ୱରୀଙ୍କ ସମେତ ବଡ଼ବଜାର ଅଞ୍ଚଳର ସମସ୍ତ ଦେବାଦେବୀଙ୍କୁ ବିବାହ ପାଇଁ ନିମନ୍ତ୍ରଣ କରିଛନ୍ତି। ବରପିତା ଜଗଦୀଶ ପ୍ରସାଦ କାଲୋନୋରିଆ, ପୂଜକ ପଣ୍ଡିତ ସଞ୍ଜୟ ବଡ଼ମାଳି, ଶେଷଦେବ ବଡ଼ମାଳି ଓ ସଞ୍ଜିବ ବଡ଼ମାଳି ବିଧି ଅନୁଯାୟୀ ଗୁଆ, ନଡ଼ିଆ ଓ ମିଷ୍ଟାନ୍ନ ଦେଇ ଦେବାଦେବୀଙ୍କୁ ନିମନ୍ତ୍ରଣ କରିଥିଲେ। ଇଷ୍ଟଦେବୀ ମା' ସମଲେଶ୍ୱରୀ ଓ ମା' ପାଟଣେଶ୍ୱରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହାସହ ସାହେବବଙ୍ଗଳାର ନରସିଂହ ମନ୍ଦିର, ଗୁଆଲାପଡ଼ାର ରାମାୟଣ ମନ୍ଦିର, କୃଷ୍ଣାପଡ଼ାର ରାଧାମାଧବ ମନ୍ଦିର, ମାଳିପଡ଼ାର ଜଗନ୍ନାଥ ମନ୍ଦିର, ବଡ଼ବଜାର ଛକର ଦୁର୍ଗା ମନ୍ଦିର, ଗୋପାଳଜୀ ମଠ, ରାମଜୀ ମନ୍ଦିରପଡ଼ାର ଶ୍ରୀ ରାମଜୀ ଓ କୋଠା ଜଗନ୍ନାଥ ଆଦି ମନ୍ଦିରରେ ଠାକୁର ମାନଙ୍କୁ ନିମନ୍ତ୍ରଣ ଦିଆଯାଇଥିଲା। ଯାତ୍ରା କମିଟି ସଭାପତି ସରୋଜ ସାହୁ, ସମ୍ପାଦକ ରାମଦାସ ପଣ୍ଡା, କାର୍ଯ୍ୟକାରୀ ସଭାପତି କିଶୋର ପ୍ରଧାନ, ଉପସଭାପତି କିଶୋର ମେହେର ଓ ମନୋଜ ପାଲସନିଆ, ସାଂସ୍କୃତିକ ସମ୍ପାଦକ ଦିଲ୍ଲୀପ ସାହୁ ଓ ତ୍ରିଲୋଚନ ସରାଫ, ଭୋପାଲ ବଘେଲ, ସହସମ୍ପାଦକ କୁନ୍ଦନ ପ୍ରଧାନ, ଶୁଭମ ମେହେର, କୋଷାଧ୍ୟକ୍ଷ ଭାବେଶ ଚାନ୍ଦ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ■ ଠାକୁରପଡ଼ାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା




ଠାକୁରପଡ଼ାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପତରପେଁଡ଼ି ଗତକାଲି ଅନୁଷ୍ଠିତ ହେବାପରେ ଆଜି ବିବାହୋତ୍ସବରେ ଯୋଗ ଦେବାପାଇଁ ଶ୍ରୀ ହନୁମାନ ଅଞ୍ଚଳର ଦେବାଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଏହାକୁ ସମ୍ବଲପୁରୀ ଭାଷାରେ 'ଦେ ନିଉତା' ବା 'ଗୁଆଗୁଣ୍ଡା' ମଧ୍ୟ କୁହାଯାଇଥାଏ। ଆଜି ପୂଜାର୍ଚ୍ଚନା ସହ ଶ୍ରୀ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ବରପିତା ଚିତ୍ରସେନ ଦେହୁରିଆ, ମୁଖ୍ୟପୂଜକ ଆଶୁତୋଷ ପୁରୋହିତ ଓ ମନ୍ଦିର ପୂଜକ କିଶୋର ଚନ୍ଦ୍ର ଦେହୁରୀ ଅଞ୍ଚଳର ମନ୍ଦିର ଗୁଡ଼ିକୁ ଯାଇ ଗୁଆ, ନଡ଼ିଆ ଓ ମିଷ୍ଟାନ୍ନ ଦେଇ ଦେବାଦେବୀଙ୍କୁ ଦେବ ଦେବ ମହାଦେବଙ୍କ ବିବାହ ଉତ୍ସବରେ ସାମିଲ ହେବାକୁ ନିମନ୍ତ୍ରଣ କରିଥିଲେ। ଠାକୁରପଡ଼ା ତଥା ଗୋପାଳମାଳ ଅଞ୍ଚଳର ସମସ୍ତ ଦେବାଦେବୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏହି ସମୟରେ ଯାତ୍ରା କମିଟି ସଭାପତି ଶିବ ପ୍ରଧାନ, ଉପସଭାପତି ସନ୍ଦିପ ନାଏକ, ଚେୟାରମ୍ୟାନ ଲିଙ୍ଗରାଜ ପରିଡ଼ା, କୋଷାଧ୍ୟକ୍ଷ କାଳିଆ ଦୋରା, କାର୍ଯ୍ୟକାରୀ ସଭାପତି ଅରବିନ୍ଦ ମେହେର, ସମ୍ପାଦକ ସନ୍ତୋଷ ବାଗ ପ୍ରମୁଖଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ବାବା ବାଲୁଙ୍କେଶ୍ୱରଙ୍କ ବିବାହରେ ସାକ୍ଷୀ ହେବାକୁ ଆସିଲେ ସାକ୍ଷୀ ଗୋପୀନାଥ



ସମ୍ବଲପୁର, ୧୭।୬ (ସମିସ): ସ୍ଥାନୀୟ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ବମ୍ ବରାଡ୍ ବାଲୁଙ୍କେଶ୍ୱର ବାବା ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ବିବାହ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଲୌକିକ ବିବାହର ସାକ୍ଷୀ ରହିବାକୁ ବିଷ୍ଣୁଙ୍କର ଅନ୍ୟତମ ଅବତାର ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ଆଜି ସନ୍ଧ୍ୟାରେ ସାକ୍ଷୀପଡ଼ାରୁ ଆସି ବାଲୁଙ୍କେଶ୍ୱର ମନ୍ଦିରରେ ପହଞ୍ଚିଛନ୍ତି। ପରମ୍ପରା ଅନୁଯାୟୀ, ମହାଦେବ ଓ ମାତା ପାର୍ବତୀଙ୍କ ବିବାହର ସମସ୍ତ ଦାୟିତ୍ୱ ଭଗବାନ ବିଷ୍ଣୁ ବହନ କରିଥିଲେ। ତେଣୁ, ବିବାହରେ ସାକ୍ଷୀ ହେବାସହ ସାମିଲ ହୋଇଥାନ୍ତି। ଉଲ୍ଲେଖଯୋଗ୍ୟ ଯେ, କେବଳ ନନ୍ଦପଡ଼ାର ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ଏହି ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି। ଯେପରିକି ଦେବବିବାହ ପାଇଁ ଅନ୍ୟ ପଡ଼ା ମାନଙ୍କରେ ଶ୍ରୀ ହନୁମାନ ଦେବନିମନ୍ତ୍ରଣ କରୁଥିବାବେଳେ ନନ୍ଦପଡ଼ାରେ ନୃସିଂହ ମହାପ୍ରଭୁ ଦେବନିମନ୍ତ୍ରଣ କରିଥାନ୍ତି।

ବାବା ବାଲୁଙ୍କେଶ୍ୱର ଓ ମାତା ପାର୍ବତୀଙ୍କ ପବିତ୍ର ବିବାହରେ ସାକ୍ଷୀ ରହିବାପାଇଁ ସାକ୍ଷୀପଡ଼ାସ୍ଥିତ ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ଆଗମନ କରିଛନ୍ତି। ଆଜି ଅପରାହ୍ଣରେ ମନ୍ଦିର ପୂଜକ ଲକ୍ଷପତି ମହାପାତ୍ର ଓ ବିବାହ ପୂଜକ ଶଶାଙ୍କ ମିଶ୍ର ଘଣ୍ଟ, ଶଙ୍ଖ, ହୁଳହୁଳି ଆଦି ପାରମ୍ପରିକ ବାଜାଗଜା ସହିତ ଶୋଭାଯାତ୍ରାରେ ସାକ୍ଷୀପଡ଼ାସ୍ଥିତ ସାକ୍ଷୀଗୋପୀନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଅଞ୍ଚଳର ମହିଳାମାନେ ହୁଳହୁଳି ଦେଇ ସାକ୍ଷୀଗୋପୀନାଥଙ୍କୁ ବିଦା କରିଥିଲେ। ସନ୍ଧ୍ୟାରେ ସାକ୍ଷୀପଡ଼ାରୁ ନନ୍ଦପଡ଼ାକୁ ଏକ ସ୍ୱତନ୍ତ୍ର ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥଙ୍କୁ ଅଣାଯାଇଥିଲା। ରାସ୍ତାରେ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ବମ୍‌ବରାଡ ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ ହେବା ପର୍ଯ୍ୟନ୍ତ ସାକ୍ଷୀ ଗୋପୀନାଥ ବାଲୁଙ୍କେଶ୍ୱର ମନ୍ଦିରରେ ଅବସ୍ଥାନ କରି ସମସ୍ତ ରୀତିନୀତିର ସାକ୍ଷୀ ରହିବେ। ବିବାହ ଓ ଅନ୍ୟ କର୍ମାଦି ସମ୍ପନ୍ନ ହେବାପରେ ସାକ୍ଷୀ ଗୋପୀନାଥ ସ୍ୱମନ୍ଦିରକୁ ପ୍ରସ୍ଥାନ କରିବେ। ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ଏହା ଏକ ଅନନ୍ୟ ପରମ୍ପରା ଭାବେ ରହିଆସିଛି।










# କାଳବୈଶାଖୀ: ଗଛ ପଡ଼ି ୨ ଘର ଭାଙ୍ଗିଲା



**ମ.ରାମପୁର, ୧୭।୬ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ସାଇଦଲଙ୍ଗା ଗ୍ରାମ ପଞ୍ଚାୟତର ଟୁରଚି ଗ୍ରାମରେ ଗତକାଲି ଅପରାହ୍ନରେ ତାଣ୍ଡବ ରଚିଛି କାଳବୈଶାଖୀ। ଜୋର୍‌ରେ ବର୍ଷା ପବନ ଯୋଗୁଁ ୧୫ରୁ ଅଧିକ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋକୁଳ ସାହୁ ଏବଂ ଫୁଲ ବଗର୍ତ୍ତୀଙ୍କ ଘର ମହୁଲ ଗଛ ଓ ଭ୍ରମର ଗଛ ପଡ଼ି ସମ୍ପୂର୍ଣ୍ଣ ନଷ୍ଟ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ କରିଥିଲେ ଏବଂ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବୈବସ୍ୱତ ବାଗ କ୍ଷତିଗ୍ରସ୍ତ ଘରକୁ ଯାଇ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିଥିବା କହିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଘ୍ନରାଜ ମୁଣ୍ଡ ମଧ୍ୟ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦାଖଲ କରିଛନ୍ତି। ଆଜି ଗୋକୁଳ ସାହୁ ମ.ରାମପୁର ତହସିଲଦାର ଏବଂ ବିଡ଼ିଓଙ୍କୁ ଭେଟି କ୍ଷତିପୂରଣ ବାବଦକୁ ଦରଖାସ୍ତ କରିଛନ୍ତି। କ୍ଷତିଗ୍ରସ୍ତ ଉଭୟ ପରିବାର ଛୁଆଙ୍କୁ ଧରି ବର୍ତ୍ତମାନ ଅନ୍ୟ ଘରେ ଆଶ୍ରୟ ନେଇଛନ୍ତି। ପ୍ରଶାସନ ତରଫରୁ ତଦନ୍ତ କରି କ୍ଷତିପୂରଣ ସହିତ ଅନ୍ତ୍ୟୋଦୟ ଯୋଜନାରେ ଯଥାଶୀଘ୍ର ଘର ଖଣ୍ଡିଏ ଯୋଗାଇ ଦେବାକୁ ଦାବି ହେଉଛି।

# ବିଜେଡି ପକ୍ଷରୁ ଏସ୍‌ଆଇଆର୍ ସମ୍ପର୍କିତ କର୍ମଶାଳା



**ଲାଞ୍ଜିଗଡ଼, ୧୭।୬(ସମିସ):** ବିଜୁ ଜନତା ଦଳ ତରଫରୁ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ସ୍ଥିତ କଲ୍ୟାଣମଣ୍ଡପଠାରେ ଏସ୍‌ଆଇଆର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବ୍ଲକ ବିଜେଡି ସଭାପତି ହିମାଦ୍ରୀ ପେସନିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବୋଧନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୧ ଜିଲ୍ଲା ପରିଷଦ ସଦସ୍ୟା ଅଞ୍ଜଳୀ ମାଝୀ, ଜୋନ-୨ ସଦସ୍ୟ ପରୀକ୍ଷିତ ନାଏକ, ବରିଷ୍ଠ ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ଜୋନ-୧ ସଭାପତି ଲୋକନାଥ ମାଝୀ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସୁଷମା ମାଝୀ, ପୂର୍ବତନ ସଭାନେତ୍ରୀ ସୁଜାତା ଘଡ଼େଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏସଆଇଆର ସମ୍ପର୍କିତ ତାଲିମଦାତା ଭାବେ ଆଶୁତୋଷ ପୁରୋହିତ ଓ ଭୋଳାନାଥ ନାଗ ଯୋଗ ଦେଇ ବ୍ଲକର ୨୬ଗୋଟି ପଞ୍ଚାୟତ ଅଞ୍ଚଳରୁ ଆସିଥିବା ୨୦୦ରୁ ଊର୍ଦ୍ଧ୍ୱ ବୁଥସ୍ତରୀୟ ଦଳୀୟ ଏଜେଣ୍ଟଙ୍କୁ ତାଲିମ ଦେଇଥିଲେ। ବିଜେଡି ଜିଲ୍ଲା ସମ୍ପାଦକ ଜଗଦୀଶ ବେନିଆ ସଭା ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେଡ଼ି ଜିଲ୍ଲା ସମ୍ପାଦକ ପାତ୍ର ମାଝୀ, ବ୍ଲକ ଯୁବ ସଭାପତି ଡିଲେଶ କୁମାର ନାଗ, ଯୁବ କାର୍ଯ୍ୟକାରୀ ସଭାପତି ବନମାଳୀ ମାଝୀ, ବିଜେଡି ନେତା ତରୁଣ କୁମାର ଦାସ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ରଜ ମହୋତ୍ସବ: ବେନଗାଁରେ ନୃତ୍ୟ ପ୍ରତିଯୋଗିତା

**ଲାଞ୍ଜିଗଡ଼, ୧୭।୬(ସମିସ):** ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ କୃଷି ଭିତ୍ତିକ ପର୍ବ ରଜ ଉତ୍ସବମୁଖର ପରିବେଶ ସୃଷ୍ଟି କରିଛି। ପାରମ୍ପରିକ ରୀତିନୀତି, ପିଠା-ପଣା ଓ ଆଧୁନିକ ନୃତ୍ୟର ସମନ୍ୱୟରେ ସାରା ଗାଁ ଉତ୍ସବମୁଖର ହୋଇଉଠିଥିଲା। ଲାଞ୍ଜିଗଡ଼ ବେନଗାଁ ମାଁ ଭୌରବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ମୋହନ ମାଝୀ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱନାଥପୁର ମାଁ ହୀରାନୀଳା ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ଼. ରମେଶ ଚନ୍ଦ୍ର ସାହୁ ଯୋଗଦେଇ ବେନଗାଁ ଭଳି ଦୂର ଅଞ୍ଚଳରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବା ଆମ ପାଇଁ ଗର୍ବର ବିଷୟ ବୋଲି କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବେନଗାଁ ପଞ୍ଚାୟତ ସରପଞ୍ଚ ପୁରଣା ମାଝୀ, ଲାଞ୍ଜିଗଡ଼ ବିଜେପି ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, ଶିକ୍ଷାବିତ ରମାକାନ୍ତ ସାହୁ, ଦିଲ୍ଲୀପ ନାଏକ, ଉତ୍ତର ନାଏକ, ପ୍ରଭାକର ଦୋରା, ରବି କରୁଆଁ, ପୀତାମ୍ବର ମାଝୀ, ସାମ୍ବାଦିକ ତୁଳସୀ ରାମ ପ୍ରଧାନୀ, ଦେବାନ୍ଦ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାରେ ଆଖପାଖ ଗାଁରୁ ୧୨ଟିରୁ ଅଧିକ ନୃତ୍ୟ ଗ୍ରୁପ୍ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ନଗଦ ଅର୍ଥ, ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ସାମ୍ବାଦିକ ଗୋପାଳ ଦାସ ମହାନନ୍ଦ ଓ ସନ୍ଧ୍ୟାରାଣୀ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ହରି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ନରେନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।



## ସରକାରଙ୍କ ଦାଦନ ମୁକ୍ତ ଜିଲ୍ଲା ଘୋଷଣା ପ୍ରହସନ

# ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ ବିଶ୍ୱମ୍ବର

**ନୂଆପଡ଼ା /କୋମନା, ୧୭।୬(ସମିସ)**

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଘୋଷଣା କରିଥିଲେ ନୂଆପଡ଼ା ଜିଲ୍ଲା ହେବ ଦାଦନ ମୁକ୍ତ। କିନ୍ତୁ ଗତ ରାତିରେ ଜଣେ ଦାଦନ ଶ୍ରମିକର ଶବ ଗାଁକୁ ଫେରିଛି। ଯାହା ସରକାରଙ୍କ ଘୋଷଣା କିପରି ଧୂଆଁବାଣ ତାହା ପ୍ରମାଣିତ କରୁଛି। ମୃତକ ହେଲେ ନୂଆପଡ଼ା ଜିଲ୍ଲା କୋମନା ସଦର ପଞ୍ଚାୟତ ବିଶ୍ୱନାଥପୁର ଗାଁର ବିଶ୍ୱମ୍ବର ମାଝୀ।

ପ୍ରକାଶ ଯେ, ଗତ ୪ ମାସ ତଳେ ବିଶ୍ୱମ୍ବର କାମଧନ୍ଦା ନପାଇ କର୍ଣ୍ଣାଟକ ରାଜ୍ୟର ଏକ ଇଟା ଭାଟିକୁ ଦାଦନ ଖଟିବାକୁ ଯାଇଥିଲେ। ଗାଁକୁ ଫେରୁଥିବା ବେଳେ ଟ୍ରେନରେ ହଠାତ୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ମୃତଦେହକୁ କର୍ଣ୍ଣାଟକ ରାଜ୍ୟର ସୀତାପୁର ମେଡିକାଲରେ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଛି। ମଙ୍ଗଳବାର ରାତିରେ ମୃତଦେହ ଗାଁରେ ପହଞ୍ଚିବାପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବିଶ୍ୱମ୍ବର ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିବାବେଳେ ତାଙ୍କ ଅକାଳ



ମୃତ୍ୟୁ ପରେ ପରିବାର ବେସାହାରା ହୋଇଯାଇଛି। ବୃଦ୍ଧ ବାପା ଶ୍ୟାମ ସୁନ୍ଦର ମାଝୀ, ନାବାଳକ ପୁଅ ଭୁପେନ୍ଦ୍ର ମାଝୀ ୧୪ ବର୍ଷ ଓ ଝିଅ ଚଞ୍ଚଳା ମାଝୀ ୧୧ ବର୍ଷ ଏବଂ ସ୍ତ୍ରୀ ଡାଳିମ୍ବ ମାଝୀଙ୍କ ଆଖିରୁ ଏବେ ଲୁହ ଶୁଖୁନି। ମୃତଦେହ ଗାଁକୁ ଆଣିବାକୁ ୫୦ହଜାର ଟଙ୍କା ଲାଗିଥିବାବେଳେ ଇଟାଭାଟି ମାଲିକ ୩୦ହଜାର ଦେଇଥିବାବେଳେ ପରିବାର ଲୋକେ ୨୦ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି।

ଏ ସମ୍ପର୍କରେ ନୂଆପଡ଼ା ଜିଲ୍ଲା ଶ୍ରମ ଅଧିକାରୀ ଜସ୍ମିନ ସାହୁ କହିଛନ୍ତି, ସେହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ। ସରକାର ଖାଲି କଥାରେ ଦାଦନ ମୁକ୍ତ ନୂଆପଡ଼ା କହୁଥିବାବେଳେ ବାସ୍ତବରେ ବିଶ୍ୱମ୍ବରଙ୍କ ଭଳି ବହୁ ଦାଦନ ଆଜି ବି ରାଜ୍ୟ ବାହାରେ ହୀନସ୍ତା ହେଉଛନ୍ତି।

# ନୂଆପଡ଼ା ଜିଲ୍ଲାରେ ବଦଳିଲା ସ୍କୁଲ ସମୟ

**ନୂଆପଡ଼ା, ୧୭।୬(ସମିସ):** ଜିଲ୍ଲାରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ

## ସକାଳ ସାଢ଼େ ୬ରୁ ସାଢ଼େ ୧୧ ଯାଏ ପାଠପଢ଼ା

ଦୃଷ୍ଟିରେ ରଖି ନୂଆପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟର ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଆଦେଶ ନଂ. ୪୨୧୬, ତା-୧୭.୦୬.୨୦୨୬ ଅନୁଯାୟୀ ଜୁନ୍ ୧୮ରୁ ଜୁନ୍ ୨୦ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅନୁମୋଦନ କ୍ରମେ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମା ଜିଲ୍ଲା ଅଧୀନରେ ଥିବା ସମସ୍ତ ପ୍ରକାରର ବିଦ୍ୟାଳୟ ପାଇଁ ବାଧ୍ୟତାମୂଳକ।

## ମଣ୍ଡିରେ ରାତ୍ର ଜଗୁଆଳିଙ୍କ ମୃତ୍ୟୁ ଘଟଣା

# ୮ ସପ୍ତାହ ମଧ୍ୟରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭବାନୀପାଟଣା, ୧୭।୬ (ସମିସ):** କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ସଦର ଭବାନୀପାଟଣା ବ୍ଲକ ମେଦିନୀପୁର ମଣ୍ଡିରେ କାର୍ଯ୍ୟରତ ରାତ୍ର ଜଗୁଆଳି ବନ ଶବର ଗତ ଡିସେମ୍ବରରେ ପ୍ରବଳ ଶୀତକାକର ଯୋଗୁଁ ମୃତ୍ୟୁବରଣ କରିଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ କଳାହାଣ୍ଡିର ମାନବଧିକାର କର୍ମୀ ଦିଲ୍ଲୀପ କୁମାର ଦାସ ଅଭିଯୋଗ ହୋଇଥିଲା। କମିଶନ ଏ ନେଇ ଏକ ମାମଲା (ନଂ.୫୩୪/୨୬) ରୁଜୁ କରି ମଙ୍ଗଳବାର ଏହାର ଶୁଣାଣି କରିଛନ୍ତି। ଆସନ୍ତା ୮ ସପ୍ତାହ ମଧ୍ୟରେ ଏହି ଘଟଣାର ଉଚିତ ପଦକ୍ଷେପ ନେଇ ପୀଡିତ ପରିବାରଙ୍କୁ ନ୍ୟାୟ ପ୍ରଦାନ କରିବାକୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କଳାହାଣ୍ଡି ଜିଲ୍ଲାରୁ ସୋମନାଥ ଦର୍ଶନ ଯାତ୍ରା

**ଭବାନୀପାଟଣା, ୧୭।୬ (ସମିସ):** ସୋମନାଥ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଏବଂ ଏହାର ପୁନରୁତ୍ଥାନର ଏକ ହଜାର ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାର ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା ଆୟୋଜନ କରିଛନ୍ତି। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ସୋମନାଥ ସ୍ୱାଭିମାନ ପର୍ବ ଯାତ୍ରା-୨୦୨୬ରେ ଅଂଶଗ୍ରହଣ କରିବାକୁ ୧୩ ଜୁନ୍‌ରେ କଳାହାଣ୍ଡି ଜିଲ୍ଲାରୁ ୨୬ ଜଣ ତୀର୍ଥଯାତ୍ରୀ ସ୍ୱତନ୍ତ୍ର ବସ ଯୋଗେ ଯାତ୍ରା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ତନ୍ମୟ କୁମାର ଦରୱାନ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷିରେ କନିଷ୍ଠ ସହାୟକ ଗୁଣସାଗର ସାହୁଙ୍କୁ ଏସ୍କର୍ଟ ଅଫିସର ଭାବରେ ନିୟୋଜିତ କରାଯାଇଛି। ଯାତ୍ରୀମାନେ ସ୍ୱତନ୍ତ୍ର ଓଏସ୍‌ଆର୍‌ଟିସି ବସ ଯୋଗେ ଭବାନୀପାଟଣା ବସ୍‌ଷ୍ଟାଣ୍ଡରୁ ବାହାରି ଭୁବନେଶ୍ୱରଠାରେ ପହଞ୍ଚିବାପରେ ସେଠାରେ ଗୋଟିଏ ଦିନ ବିଶ୍ରାମ କରି ୧୫ ତାରିଖ ଦିନ ସ୍ୱତନ୍ତ୍ର ଟ୍ରେନ ଯୋଗେ ସୋମନାଥ ଅଭିମୁଖେ ଯାଇଛନ୍ତି।

# ନିର୍ମାଣର ୬ବର୍ଷ ପରେ ରାସ୍ତା ମରାମତି କାମ ଆରମ୍ଭ

**ଧର୍ମଗଡ଼, ୧୭।୬(ସମିସ):** ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ମାଧ୍ୟମରେ କେନ୍ଦୁଗୁଡା ଠାରୁ ପାଇକପଡ଼ା ଭାୟା ଜୟନ୍ତପୁର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ୬ବର୍ଷ ବିତିଗଲା। ସୂଚନା ଅନୁଯାୟୀ,



## ମରାମତି ଆଳରେ ପୁଣି ଦୁର୍ନୀତି ଅଭିଯୋଗ

ସକାଳ THE SAKALA ପ୍ରଭାବ

ପ୍ରାୟ ୧୫.୩୧୦ କିଲୋମିଟର ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ୪୯୦.୨୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ସୂଚନା ଫଳକ ଅନୁସାରେ, ଏହି କାର୍ଯ୍ୟ ୨୧-୯-୨୦୧୯ରୁ ଆରମ୍ଭ ହୋଇ ୨୦-୯-୨୦୨୦ ରିଖରେ ଶେଷ ହୋଇଥିଲା। ଏହା ସହିତ ରାସ୍ତାର ୫ ବର୍ଷର ରକ୍ଷଣବେକ୍ଷଣ ଓ ମରାମତି ବାବଦକୁ ପ୍ରାୟ ୩୨.୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ କାର୍ଯ୍ୟର ଠିକାଦାର ଶ୍ରୀ ଆନନ୍ଦ କୁମାର ଅଗ୍ରୱାଲ (ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର) ଏହି ଦାୟିତ୍ୱ ନେଇଥିଲେ। କିନ୍ତୁ ପରିତାପର ବିଷୟ, ରାସ୍ତା କାମ ଶେଷ ହେବା କିଛିଦିନ ପରେ ବିଭିନ୍ନ ସ୍ଥାନରେ ଖାଲଖମା ହୋଇଥିଲେ ମଧ୍ୟ ମରାମତି ହେଉନଥିଲା। ଏନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପରେ ମରାମତି କାମ ଆରମ୍ଭ ହୋଇଛି। ଖାଲ ହୋଇଥିବା ସ୍ଥାନରେ ପିଚୁ ପ୍ୟାଚ୍ ପକାଯାଉଛି। ତାହା ମଧ୍ୟ ନିମ୍ନମାନର ହେଉଥିବାବେଳେ ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଶ୍ୱନାଥପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି

**ଲାଞ୍ଜିଗଡ଼, ୧୭।୬(ସମିସ):** ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ପ୍ରଧାନ, କେସିଙ୍ଗା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ଦୀପ କୁମାର ମାଝୀଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଡିଓ ଶଶାଙ୍କ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସାମାଜିକ ସୁରକ୍ଷା ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀନେଶ ଚନ୍ଦ୍ର କହଁର, ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଛେତ୍ରୀ, ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରମୁଖ ଯୋଗ ଦେଇଥିଲେ। ୨୦ଗୋଟି ସାମୂହିକ ଓ ୬୧ଗୋଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜିକୃତ ହୋଇଥିଲା।

# 'ଜିଲ୍ଲାରେ ଶିକ୍ଷକ ପଦୋନ୍ନତି ପ୍ରକ୍ରିୟା ପାଇଁ ପଦକ୍ଷେପ ନିଆଯିବ'

## ନିଖିଳ ଉତ୍କଳ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ

## ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ପ୍ରଥମ କାର୍ଯ୍ୟକାରିଣୀ ବୈଠକ

**ଭବାନୀପାଟଣା, ୧୭।୬(ସମିସ):** ନିଖିଳ ଉତ୍କଳ କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ନେଇ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଭବାନୀପାଟଣାସ୍ଥିତ ଶିକ୍ଷକ ଭବନଠାରେ ଜିଲ୍ଲା ସଭାପତି ପଦ୍ମଲୋଚନ ନାଏକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଧାରଣ ସମ୍ପାଦକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ସଂଗଠନର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ନୂତନ ପେନସନ ଯୋଜନା ବା ଏନ୍.ପି.ଏସ୍ ଅନ୍ତର୍ଗତ ଶିକ୍ଷକମାନଙ୍କର ଦୁଇଟି ପ୍ରମୁଖ ଦାବି, ଯଥା ପ୍ରାରମ୍ଭିକ ନିଯୁକ୍ତି ସ୍ତରରେ ଗ୍ରେଡ ପେ'ର ସଂଶୋଧନ ଏବଂ ଠିକା ନିଯୁକ୍ତି କାଳକୁ ଚାକିରି ସେବାରେ ଗଣନା କରି ୬ଟି ନେସନାଲ୍ ଇନ୍‌କ୍ରିମେଣ୍ଟ ପ୍ରଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହାସହିତ କଳାହାଣ୍ଡି ଜିଲ୍ଲାରେ ଦୀର୍ଘଦିନ ଧରି ଅପେକ୍ଷାରତ ଶିକ୍ଷକ ପଦୋନ୍ନତି ପ୍ରକ୍ରିୟାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଇବାକୁ ସଂଗଠନ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ। ବୈଠକରେ ଜିଲ୍ଲାର ୧୩ଟି ବ୍ଲକର ସଭାପତି, ସମ୍ପାଦକ, ସଂଯୋଜକ ଓ ବିଭିନ୍ନ ପଦାଧିକାରୀଙ୍କ ସହ ଉପଦେଷ୍ଟା ଗଣେଶ ବେହେରା ଏବଂ ବିନୋଦ ବିହାରୀ ମଣ୍ଡଳ ତଥା ଜିଲ୍ଲା କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

ବୈଠକର ପରିଚାଳନା ସଦର ବ୍ଲକ ସଭାପତି ମଧୁସୂଦନ ପ୍ରଧାନ କରିଥିବାବେଳେ ଜିଲ୍ଲା ଯୁଗ୍ମ ସମ୍ପାଦକ ତରଙ୍ଗ ଚଣ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ପଧାନ, ଉପସଭାପତି ବୀରେନ୍ଦ୍ର ବାଗ ଓ ସୁରେନ୍ଦ୍ର କୁମାର ଦୋରା, ଜିଲ୍ଲା ଯୁଗ୍ମ ସମ୍ପାଦକ ବେଣୁଧର ବିଶ୍ୱାଳ ଓ ସୁବାସ ଚନ୍ଦ୍ର ବାଗ, ଜିଲ୍ଲା ସଂଗଠନିକ ସମ୍ପାଦକ ଶିବପ୍ରସାଦ ଦାସ, ଜିଲ୍ଲା ସଂଯୋଜକ କ୍ଷୀରସାଗର ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ତପନ କୁମାର ବେହେରା ଏବଂ ଜିଲ୍ଲା କୋର୍ କମିଟି ସଦସ୍ୟ ରାମେଶ୍ୱର ନାଏକ, ଅମରେନ୍ଦ୍ର ପଟ୍ଟନାଏକ, ଦିଲ୍ଲୀପ ଖାନସମା ଓ ଶ୍ରୀନିବାସ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## କୁର୍ଲାବନ୍ଧଠାରେ ନିଆରା ପ୍ରତିବାଦ

# ଶ୍ମଶାନ ନିର୍ମାଣକୁ ବିରୋଧ କରି ଅଷ୍ଟପ୍ରହରୀ କଳସ ଯାତ୍ରା

**ଧର୍ମଗଡ଼, ୧୭।୬(ସମିସ)**

ଧର୍ମଗଡ଼ ସହରାଞ୍ଚଳରେ ଥିବା କେବିଡ଼ି ଗ୍ରାମର ପୁରାତନ କୁର୍ଲା ବନ୍ଧ ଡଙ୍ଗରିପଡ଼ା ପୋଖରୀ ନିକଟରେ ଶ୍ମଶାନ ଗୃହ ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପୋଖରୀଟି ଉଭୟ

## ଶୁଣିଲେନି ନେତା କି ପ୍ରଶାସନ

## ନିରୁପାୟ ହୋଇ ଧର୍ମର ବାଟ ବାଛିଲେ ଅଞ୍ଚଳବାସୀ



କେବିଡି ଓ ଡ଼ଙ୍ଗରିପଡ଼ାବାସୀଙ୍କ ଦୈନନ୍ଦିନ ଜୀବନ, ଜଳ ବ୍ୟବହାର ଏବଂ ସାମାଜିକ କାର୍ଯ୍ୟ ସହ ଓତପ୍ରୋତ ଭାବେ ଜଡ଼ିତ। ଏହାର ଚାରିପାଖରେ ଜନବସତି ରହିଥିବା ବେଳେ, କେତେକ ନ୍ୟସ୍ତସ୍ୱାର୍ଥ ଓ ରାଜନୈତିକ ସ୍ତରରେ ପରିଚାଳିତ ବ୍ୟକ୍ତି ଏଠାରେ ଶ୍ମଶାନ ସ୍ଥାପନ ପାଇଁ ପ୍ରୟାସ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶ୍ମଶାନ ନିର୍ମାଣ ବନ୍ଦ କରିବାକୁ ପୂର୍ବରୁ ଗ୍ରାମବାସୀଙ୍କ ପକ୍ଷରୁ ଉପଜିଲ୍ଲାପାଳ, ତହସିଲଦାର, ଏନ୍‌ଏସି ଅଧ୍ୟକ୍ଷ ଏବଂ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହା ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ ଏବଂ ନିର୍ମାଣ କାର୍ଯ୍ୟ ଜାରି ରହିବାରୁ ଗ୍ରାମବାସୀ ସିଧାସଳଖ ପ୍ରତିବାଦର ପନ୍ଥା ଆପଣାଇଛନ୍ତି। ଏହି ପବିତ୍ର ସ୍ଥାନକୁ ରକ୍ଷା କରିବାକୁ ସେଠାରେ ଏକ ଭକ୍ତିମୟ ପରିବେଶ ମଧ୍ୟରେ 'ଅଷ୍ଟପ୍ରହରୀ ନାମଯଜ୍ଞ' ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଜୁନ୍ ୧୭ ଦିନ ପ୍ରତିବାଦ ସ୍ୱରୂପ କୁର୍ଲାବନ୍ଧଠାରୁ ଏକ ବିଶାଳ ପୂଜା କଳସ ଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ଧର୍ମଗଡ଼ ଚାରିଛକ ଏବଂ ସିଟି ସ୍କୁଲ ଛକ ଦେଇ ପ୍ରହରୀ ମଣ୍ଡପରେ ପହଞ୍ଚିଥିଲା, ଯେଉଁଠାରେ ପୂଜା କଳସ ସ୍ଥାପନ କରାଯାଇଛି। ଜୁନ୍ ୧୭ରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଜୁନ୍ ୧୮ରୁ ମହାମନ୍ତ୍ର ନାମାରମ୍ଭ ହେବ ଏବଂ ଜୁନ୍ ୧୯ରେ ଏହାର ପୂର୍ଣ୍ଣାହୁତି ହେବ। ଏହି ଯଜ୍ଞରେ ଗଜିନ୍ଦ୍ର ନାଏକ ଓ କ୍ଷୀର ନାଏକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ପୂଜକ ଭାବେ ଶଙ୍ଖନାଦ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କଳସ ଯାତ୍ରାରେ କେବିଡି ଓ ଡ଼ଙ୍ଗରୀପଡ଼ାର ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ ଓ ସ୍ଥାନୀୟ ଗ୍ରାମବାସୀ ସାମିଲ ହୋଇଥିଲେ। ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କେବିଡିର ମା' ବରାଭିମା ଘଣ୍ଟଦଳ', ଡ଼ଙ୍ଗରୀପଡ଼ାର 'ରାହାସ ଦଳ' ଏବଂ ଛିଲିପାର 'ସଂକୀର୍ତ୍ତନ ମଣ୍ଡଳୀ' ନିଜର କଳା ପ୍ରଦର୍ଶନ କରିଥିଲେ। ଏହି ଆଧ୍ୟାତ୍ମିକ ପ୍ରତିବାଦ ଯୋଗୁଁ ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ତଥା ସଂଗଠିତ ପରିବେଶ ସୃଷ୍ଟି ହୋଇଛି।

# ସିନାପାଲିରେ କବି ଚଣ୍ଡିଚରଣ ବିଶିଙ୍କ ଜୟନ୍ତୀ




**ସିନାପାଲି, ୧୭।୬(ସମିସ):** ଓଡ଼ିଶା ଛତିଶଗଡ଼ ସୀମାରେ ରହି ଜୀବନ ତମାମ ସାହିତ୍ୟ ସାଧନା ମାଧ୍ୟମରେ ଓଡିଆ ଭାଷା ସୁରକ୍ଷା ଦିଗରେ ମହତ୍ୱପୂର୍ଣ୍ଣ ଅବଦାନ ଦେଇଥିବା କବି ଚଣ୍ଡିଚରଣ ବିଶିଙ୍କ ଜନ୍ମ ଜୟନ୍ତୀ ବୁଧବାର ସିନାପାଲି ପିଏମ୍‌ଶ୍ରୀ ହାଇସ୍କୁଲ ଠାରେ ପାଳନ କରାଯାଇଛି। ସ୍ଥାନୀୟ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ଆୟୋଜିତ ସଭାରେ ସମିତିର ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଡିଇଓ ଯତୀନ୍ଦ୍ର କୁମାର ସେଠ ଓ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ତ ଚନ୍ଦ୍ରଭାନୁ କଶ୍ୟପ, କବିପୁତ୍ର ଉମାକାନ୍ତ ବିଶି, ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେରଙ୍କ ସହ ସମିତିର ସମ୍ପାଦକ ତରୁଣ କୁମାର ମେହେର ମଞ୍ଚାସୀନ ଥିଲେ। ସଭା ପ୍ରାରମ୍ଭରେ ଗୌତମ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିଲେ। କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ କଣ୍ଠଶିଳ୍ପୀ ଚୂଡ଼ାମଣି ମେହେର ଓ ଦୀପକ ସା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମାବେଶରେ ଆଲୋଚକ ଭାବରେ ବରିଷ୍ଠ କବି ଚିନ୍ତାମଣି ସାହୁ, ସତ୍ୟବ୍ରତ ଗହୀର, ମୋହନ ଦାସ, ଲୋଚନ ମେହେର ଯୋଗଦେଇ 'ସାହିତ୍ୟ ଓ ସିନାପାଲି' ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ପ୍ରେମାନନ୍ଦ ମେହେର, ଲଇଖନ ମାଝୀ, ଗୌରୀ ମେହେର, ହରେକୃଷ୍ଣ ମେହେର, ବେଣୁଧର ମେହେର, ଶାଶ୍ୱତୀ ହୋତା, ଧବଳେଶ୍ୱର ମେହେର, ବିନିଷା ମେହେର, ଯଶୋବନ୍ତ ସା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିବା ବେଳେ ବରିଷ୍ଠ କବି ବିଜୟ କୁମାର ଯୋଷୀ, ଶିବପ୍ରସାଦ ମେହେର, ପରେଶ ନାଥ ପଣିଗ୍ରାହୀ, ପ୍ରଦ୍ୟୁମ୍ନ ସିଂହ ଚିନ୍ଦା, ଡିସମ୍ବର ମେହେର କବିତା ଗୁଡିକର ସମୀକ୍ଷା କରିଥିଲେ। କବିତା ପାଠ ଓ ଆଲୋଚନାକୁ ବଂଶୀଧର ଜଗତ ସଂଯୋଜନା କରିଥିଲେ। ସମସ୍ତ ସାହିତ୍ୟ ସାଧକଙ୍କୁ ଏହି ଅବସରରେ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ମହିଳା ଓ ଶିଶୁ ବିକାଶ ଶାସନ ସଚିବଙ୍କ ସମୀକ୍ଷା
# ବାଳ ଅପରାଧ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୧୭ ।୬(ସମିସ)




ଆଜି ଡିଏମଏଫ୍ ସମ୍ମିଳନୀ କକ୍ଷଠାରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ଜି. ଆର୍. ରାଘବେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡ଼ତିଆ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର ମହିଳା ଓ ଶିଶୁମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ ବିକାଶ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଯେପରିକି ଜିଲ୍ଲାରେ ଘଟୁଥିବା ନାବାଳକ ଜନିତ ଅପରାଧ ଉପରେ କଡ଼ା ନଜର ରଖିବା ସହ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ହେଉଥିବା ଚୋରି ଘଟଣା ଉପରେ ତୁରନ୍ତ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ଧାର ହେଉଥିବା ଶିଶୁମାନଙ୍କୁ ପୋଲିସ ପ୍ରଶାସନ ସହାୟତାରେ ବିନା କୌଣସି ବିଳମ୍ବରେ ଶିଶୁ ମଙ୍ଗଳ ସମିତି ନିକଟରେ ହସ୍ତାନ୍ତର କରିବାକୁ କୁହାଯାଇଛି। ଘରୋଇ ହିଂସାର ଶିକାର ହେଉଥିବା ମହିଳା ଓ ଶିଶୁମାନଙ୍କ ମାନସିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ କ୍ଲିନିକାଲ୍ ଏବଂ ସାମାଜିକ ପୁନର୍ବାସ ଯୋଗାଇଦେବା ସହ ଖାଲିଥିବା କର୍ମଚାରୀ ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଝାରସୁଗୁଡ଼ା ଏକ ଶିଳ୍ପଭିତ୍ତିକ ଜିଲ୍ଲା ହୋଇଥିବାରୁ ଏଠାରେ ଯୁବପିଢ଼ିଙ୍କୁ ନିଶା ଶିକାରରୁ ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ନିଶାମୁକ୍ତ ଜିଲ୍ଲା ଅଭିଯାନ ଉପରେ ପ୍ରଶାସନକୁ ଅଧିକ ସତର୍କ ରହିବାକୁ କୁହାଯାଇଛି। ଏହା ସହିତ ସୋସିଆଲ ମିଡିଆରେ ହେଉଥିବା ସାଇବର ପ୍ରତାରଣାରୁ କିଶୋରୀମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ଅଦ୍ୱିକା କାର୍ଯ୍ୟକ୍ରମ ମାଧ୍ୟମରେ ନିୟମିତ ଭାବେ ସାଇବର ସଚେତନତା ଶିବିର ଆୟୋଜନ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ବାଲ୍ୟ ବିବାହ ରୋକିବା, ୱାନ୍ ଷ୍ଟପ୍ ସେଣ୍ଟରର ସଫଳ ପରିଚାଳନା ଏବଂ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସୂଚକାଙ୍କ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ଜିଲ୍ଲାରେ ପୋଷଣ ଟ୍ରାକର ଏବଂ ଏନଏଫଏଚଏସ ସର୍ଭେ ତଥ୍ୟ ମଧ୍ୟରେ ଥିବା ତ୍ରୁଟିପୂର୍ଣ୍ଣ ଡାଟା ଉପରେ ସଚିବ ସନ୍ତୋଷ ପ୍ରକାଶ କରିନାହାନ୍ତି। ଏଣିକି ପ୍ରକୃତ ଓ ଠିକ୍ ଡାଟା ଉପଲବ୍ଧ କରିବା ପାଇଁ ଆସନ୍ତା ଜୁଲାଇ ୧୫ ତାରିଖରୁ ଜିଲ୍ଲାରେ ନୂତନ ଡିଭାଇସ୍ ପ୍ରଦାନ କରାଯିବ। ଯାହା ଦ୍ୱାରା ଶିଶୁଙ୍କ ଓଜନ ଓ ସ୍ୱାସ୍ଥ୍ୟର ଠିକ୍ ମାପ ହୋଇପାରିବ। ଜିଲ୍ଲାରେ ଖରାପ ପ୍ରଦର୍ଶନ କରୁଥିବା ଅଙ୍ଗନବାଡ଼ି କେନ୍ଦ୍ର ଏବଂ ପ୍ରୋଜେକ୍ଟଗୁଡ଼ିକୁ ଚିହ୍ନଟ କରି ସେଠାରେ ସେବାର ମାନ ବଢ଼ାଇବା ପାଇଁ ସୂଚନା ଦିଆଯାଇଛି। ଏଥିସହ ଜିଲ୍ଲାରେ ପୋଷଣ ଅଭିଭାବକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇ ନୂତନ ପୋଷଣ ଅଭିଭାବକମାନଙ୍କ ନାମ ଘୋଷଣା କରାଯାଇଛି। ଜିଲ୍ଲାସ୍ତରୀୟ ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟେକ ୨ ରୁ ୩ଟି ଲେଖାଏଁ ଅଙ୍ଗନବାଡ଼ି କେନ୍ଦ୍ରର ଦାୟିତ୍ୱ ନେଇ ନିୟମିତ ତଦାରଖ କରିବେ।

# ବୌଦ୍ଧ ଜିଲ୍ଲାରେ ୨୦ ପର୍ଯ୍ୟନ୍ତ ସ୍କୁଲ, କଲେଜ ଛୁଟି

କନ୍ଧମାଳ, ୧୭ ।୬(ସମିସ): ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମପ୍ରବାହର ପ୍ରକୋପ ଅବ୍ୟାହତ ରହିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଓ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାପାଳଙ୍କ ଦ୍ୱାରା ଆଜି ଜାରି କରାଯାଇଥିବା କାର୍ଯ୍ୟାଳୟ ଆଦେଶ ଅନୁଯାୟୀ ଏହି ସମୟ ମଧ୍ୟରେ ପୂର୍ବ ନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚାଲିବ। ତେବେ ଗ୍ରୀଷ୍ମପ୍ରବାହର ପ୍ରଭାବ କମାଇବା ପାଇଁ ପରୀକ୍ଷାଗୁଡ଼ିକୁ ସକାଳ ସମୟରେ ଆୟୋଜନ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରାମର୍ଶ ଦିଆଯାଇଛି। ପରୀକ୍ଷାରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ସମେତ ଆବଶ୍ୟକ ସୁବିଧା ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି, ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଦ୍ୱାରା ଜାରି ହୋଇଥିବା ମାନକ କାର୍ଯ୍ୟପ୍ରଣାଳୀକୁ କଡ଼ାକଡ଼ି ପାଳନ କରିବା ଏବଂ ଛାତ୍ରଛାତ୍ରୀ, କର୍ମଚାରୀ ତଥା ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ସୁରକ୍ଷା ଓ କଲ୍ୟାଣ ପାଇଁ ସମସ୍ତ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ନେଇ ପ୍ରସ୍ତୁତି

ତରଭା, ୧୭ ।୬(ସମିସ): ଜୁନ୍ ୨୧ ତାରିଖରେ ପାଳିତ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ନିମନ୍ତେ ଆଜି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କ୍ଷୁଦ୍ର ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ନିରୋଗ ଏବଂ ସୁସ୍ଥ ଜୀବନ ପାଇଁ ଯୋଗ ରହିଥିବାବେଳେ ଏହାର ବ୍ୟାପକ ପ୍ରଚାର ଓ ସଫଳ ଆୟୋଜନ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଯୋଗକୁ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ଭାବେ ନ ଦେଖି ଏହାକୁ ଦୈନନ୍ଦିନ ଜୀବନର ଏକ ଅଭ୍ୟାସରେ ପରିଣତ କରିବା ପାଇଁ ସମସ୍ତ ବୟସ ବର୍ଗର ଲୋକଙ୍କୁ ସଚେତନ ଓ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାପାଳ ଡ ସାହୁ ଯୋଗ ଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ହାସଲ କରାଯାଇପାରିବ ବୋଲି କହିବା ସହ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣରେ ଯୋଗ ଦିବସକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ବୈଠକକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଯେମିତି ଶିକ୍ଷା ବିଭାଗ, ଜିଲ୍ଲା ଲୋକସମ୍ପର୍କ କାର୍ଯ୍ୟାଳୟ, ପଞ୍ଚାୟତିରାଜ ବିଭାଗ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଯୋଗର ପ୍ରଚାର ଓ ପ୍ରସାର ସହ ଜଡ଼ିତ ସମସ୍ତ ସମ୍ପୃକ୍ତ ବିଭାଗ ଏବଂ ଅନୁଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳ ବିଧାୟକଙ୍କୁ ଅଟକାଇଲେ ଚାଷୀ



କନ୍ଧମାଳ, ୧୭ ।୬(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳରେ ଶହ ଶହ କୁଇଣ୍ଟାଲ ଧାନ ପଡ଼ି ରହିଛି। ବର୍ଷା ପାଖେଇ ଥିବାରୁ ଚାଷୀଙ୍କ ନିଦ ହଜିଗଲାଣି। ମିଲର ଟାର୍ଗେଟ ନାହିଁ ବୋଲି କହୁଛନ୍ତି। ଏଥିରେ ଉତ୍କ୍ଷିପ୍ତ ଚାଷୀ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ଅଟକାଇ ଧାନ ଦେଖାଇଥିଲେ। ଏହାପରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ବିଧାୟକ ଫୋନ୍ କରି ତୁରନ୍ତ ଧାନ ଦେବା ପାଇଁ କହିଥିଲେ।

# ଘଣ୍ଟାପଡ଼ା ପୁଲିସ ପକ୍ଷରୁ ଗାଡିମୋଟର କଡ଼ାକଡ଼ି ଯାଞ୍ଚ

ଶଗଡ଼ା, ୧୭ ।୬(ସମିସ): ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ମୋଟର ଯାନ ଆଇନର କଡ଼ା ଅନୁପାଳନ ନିମନ୍ତେ ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ଘଣ୍ଟାପଡ଼ା ଥାନା ପୁଲିସ ସହ ମିଳିତ ଭାବେ ଆଜି ଗାଡି ମୋଟର ଯାନ ଯାଞ୍ଚ କରା ଯାଇଥିଲା। ଏହି ଯାଞ୍ଚ ସମୟରେ ବିଭିନ୍ନ ପ୍ରକାର ମୋଟର ଯାନ ନିୟମ ଉଲ୍ଲଂଘନ ଅଭିଯୋଗରେ ଜରିମାନା ଆଦାୟ କରାଯାଇ ଥିଲା। ସେଥିମଧ୍ୟରେ ବିନା ହେଲମେଟରେ ଗାଡ଼ି ଚାଳନା କରୁଥିବା ୧୭ ଜଣ, ଡ୍ରାଇଭିଂ ଲାଇସେନ୍ସ ବିନା ୨୦ ଜଣ, ବୀମା ବିନା ୧୪ ଜଣ, ନିର୍ଦ୍ଧାରିତ ନିୟମ ଅନୁଯାୟୀ ପଞ୍ଜୀକରଣ ଚିହ୍ନ ପ୍ରଦର୍ଶନ ନ କରିଥିବା ୨ ଜଣ, ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ଜଣେ, ପଞ୍ଜୀକରଣ ଓ ଫିଟନେସ ସାର୍ଟିଫିକେଟ ବିନା ୩ ଜଣ, ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଉଲ୍ଲଂଘନ କରୁଥିବା ୩ ଜଣ, ପରମିଟ ବିନା ଯାନ ଚଳାଚଳ କରୁଥିବା ୩ ଜଣ ଏବଂ ଟ୍ରିପଲ ରାଇଡିଂ କରୁଥିବା ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଅଭିଯାନ ସମୟରେ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ଜଣେ ଚାଳକଙ୍କୁ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଘଣ୍ଟାପଡ଼ା ପୁଲିସ ହେପାଜତକୁ ହସ୍ତାନ୍ତର କରାଯାଇଥିଲା। ମୋଟ ୨୪ଟି ଚାଲାଣ ଜାରି କରାଯାଇଥିବା ବେଳେ ୩ଟି ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରିବା ପାଇଁ ସୁପାରିଶ କରାଯାଇଛି। ଏହି ଯାଞ୍ଚ ଅଭିଯାନରେ ମୋଟ ୨, ୪୧, ୦୦୦ ଟଙ୍କାର ଚାଲାଣ ରାଶି ଆଦାୟ ପାଇଁ ଧାର୍ଯ୍ୟ କରାଯାଇଛି।

# ଶିଶୁ ଶ୍ରମିକ ମୁକ୍ତ ସମାଜ ଗଠନ ପାଇଁ ସଚେତନତା ପଦଯାତ୍ରା

ବୌଦ୍ଧ, ୧୭ ।୬(ସମିସ): ଶିଶୁ ଶ୍ରମିକ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅବସରରେ ଆଜି ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିସରରୁ ଏକ ଶିଶୁ ଶ୍ରମିକ ସଚେତନତା ପଦଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରାକୁ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଆରକ୍ଷୀ ଅଧୀକ୍ଷକ କୁଲଦୀପ୍ ମୀନା ଫିତାକାଟି ଶୁଭାରମ୍ଭ କରିଥିଲେ। ଏହି ସଚେତନତା ପଦଯାତ୍ରାରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ବୌଦ୍ଧ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଶିଶୁମାନଙ୍କୁ କୌଣସି ଶ୍ରମଭିତ୍ତିକ କାର୍ଯ୍ୟରେ ନିୟୋଜିତ ନ କରିବା, ସେମାନଙ୍କୁ ଶିକ୍ଷା ଓ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

● ଶିଶୁ ମଙ୍ଗଳ କମିଟି କୋର୍ଟ କ୍ୟାମ୍ପ

# ବ୍ଲକସ୍ତରୀୟ ପିତୃମାତୃହୀନ ଶିଶୁଙ୍କ ଉପସ୍ଥାପନା ଓ ପରାମର୍ଶ ଶିବିର

ତରଭା, ୧୭ ।୬(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ସୋନପୁର ବ୍ଲକ ମିଶନ ଶକ୍ତି ଗୃହଠାରେ ପିତୃମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଛି।



ଏହି କ୍ୟାମ୍ପରେ ୭୫୬ ଜଣ ଶିଶୁ ଓ ମହିଳା ଉପସ୍ଥିତ ଥିଲେ। ଶିଶୁ ମଙ୍ଗଳ କମିଟି ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା। ସମସ୍ତ ଶିଶୁଙ୍କ ତଥ୍ୟ ତର୍ଜମା ପରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବାର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିବା ବେଳେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ଲିନା ବାବୁ, ସଭ୍ୟା ରଞ୍ଜିତା ସାହୁ, ସଭ୍ୟ କେଶବ ଚନ୍ଦ୍ର ମେହେର ଓ ବ୍ରଜେନ୍ଦ୍ର କୁମାର ବିଶି ଉପସ୍ଥିତ ରହି ଉପସ୍ଥାପନା କାର୍ଯ୍ୟ ତୁଲାଇଥିଲେ। ଏହି କ୍ୟାମ୍ପକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଗୌତମ ମହାପାତ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସେ, ମୃତ୍ୟୁଞ୍ଜୟ ସାହୁ, ସରିତା ସୁନା, ଜିତେନ୍ଦ୍ର ମଣ୍ଡଳ, ଅନିଲ ମହଲା, ଚାଇଲ୍ଡ ହେଲ୍ପଲାଇନର ଧର୍ମେନ୍ଦ୍ର ଦାସ ଓ ଶିଶୁ ମଙ୍ଗଳ ସମିତିର ଏଡିଇଓ ଆକାଶ ରଣା ଶିବିରରେ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା
# ଫର୍ମ ଡିଜିଟାଇଜେସନ କାର୍ଯ୍ୟ ତ୍ୱରାନ୍ୱିତ

ତରଭା, ୧୭ ।୬(ସମିସ): ସୁବର୍ଣ୍ଣପୁରରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଏନୁମେରେସନ ଫର୍ମ ଡିଜିଟାଇଜେସନ କାମ ଦ୍ରୁତ ଗତିରେ ଚାଲିଛି। ଜିଲ୍ଲାରେ ଥିବା ଦୁଇଟି ବିଧାନସଭା ମଣ୍ଡଳୀରେ ବିଏଲଓମାନେ ଫର୍ମ ବଣ୍ଟନ କାମ ଶତକଡା ୯୯.୮୫ ସମ୍ପୂର୍ଣ୍ଣ କରିଥିବା ବେଳେ ସେମାନେ ଫର୍ମଗୁଡ଼ିକୁ ସଂଗ୍ରହ କରି ଡିଜିଟାଇଜେସନ ପ୍ରକ୍ରିୟା ମଧ୍ୟ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି। ଜିଲ୍ଲା ନିର୍ବାଚନ ବିଭାଗର ତଥ୍ୟ ଅନୁସାରେ ଆଜି ସୁଦ୍ଧା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨, ୧୮, ୫୯୨ ଫର୍ମ ବଣ୍ଟନ କରାଯାଇଥିବା ବେଳେ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨, ୫୩, ୭୧୩ ଫର୍ମ ବଣ୍ଟନ କରାଯାଇଛି। ସର୍ବମୋଟ ୪, ୭୩, ୦୧୧ ଫର୍ମ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ବୀରମହାରାଜପୁରରେ ୧, ୭୨, ୧୯୭ଟି ଫର୍ମର ଡିଜିଟାଇଜେସନ ସରିଥିବା ବେଳେ ସୋନପୁରରେ ୧, ୫୨, ୬୪୮ଟି ଫର୍ମର ଡିଜିଟାଇଜେସନ ସରିଛି। ମୋଟ ୩, ୨୪, ୮୪୫ଟି ଫର୍ମ ଡିଜିଟାଇଜେସନ ସମ୍ପୂର୍ଣ୍ଣ ହୋଇଛି; ଯାହାକି ଜିଲ୍ଲାର ୬୮.୬୮ ଶତକଡା ଫର୍ମ ଡିଜିଟାଇଜେସନକୁ ସୂଚାଉଛି। ସୂଚନାଯୋଗ୍ୟ ଯେ, ସୁବର୍ଣ୍ଣପୁରର ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀ ବୀରମହାରାଜପୁର-୬୪ ଏବଂ ସୋନପୁର-୬୫ ବିଧାନସଭା ମଣ୍ଡଳୀରେ ଉଭୟ ଉପଜିଲ୍ଲାପାଳ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଇଆରଓ) ଭାବେ କାର୍ଯ୍ୟ କରୁଛନ୍ତି। ବୀରମହାରାଜପୁରରେ ୬ ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ (ଏଇଆରଓ) ଥିବା ବେଳେ ସୋନପୁରରେ ୭ ଜଣ ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ ଅଛନ୍ତି। ଏହି ଡିଜିଟାଇଜେସନ ପ୍ରକ୍ରିୟା ଶେଷ ହେବା ପରେ ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କ ନାମ ବାଦ ଦିଆଯିବ। ଏହାପରେ ଏକ ତ୍ରୁଟିଶୂନ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଆସନ୍ତା ୨୮ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ନିଜ ଫର୍ମ ଦାଖଲ କରିବା ପାଇଁ ଜିଲ୍ଲାର ଭୋଟରମାନଙ୍କୁ ଜିଲ୍ଲା ନିର୍ବାଚନ ବିଭାଗ ଦ୍ୱାରା ଅନୁରୋଧ କରାଯାଇଛି।



**ସୁବର୍ଣ୍ଣପୁରରେ ୬୮.୬୮ ଶତକଡା ଏନୁମେରେସନ ଫର୍ମ ଡିଜିଟାଇଜେସନ ସମ୍ପୂର୍ଣ୍ଣ**

# ଗୋଚର ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ଦାବିପତ୍ର

ତରଭା, ୧୭ ।୬(ସମିସ): ତରଭା ବ୍ଲକ ବଡଭଇଁରୋ ପଞ୍ଚାୟତ ଅଧୀନ ନୂଆପାଲି ମୌଜାରେ ଥିବା ଗୋଚର ଓ ଜଳଚର ଜମିକୁ ଗ୍ରାମର କିଛି ଲୋକ ଜବରଦଖଲ କରିଛନ୍ତି। ଏହାକୁ ମୁକ୍ତ କରିବା ପାଇଁ ଗ୍ରାମବାସୀ ବୁଧବାର ତରଭା ତହସିଲଦାରଙ୍କ ନିକଟରେ ଗୁହାରି କରଛନ୍ତି। ଗ୍ରାମର ୬୭ ଜଣ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଦେଇଛନ୍ତି। ନୂଆପାଲି ମୌଜାରେ ଥିବା ଜବରଦଖଲ ଜମିକୁ ମୁକ୍ତ କରିବା ପାଇଁ ଗ୍ରାମବାସୀ ଦାବି କରି ଆସୁଛନ୍ତି; ହେଲେ କୌଣସି ସୁଫଳ ମିଳୁନାହିଁ। ଗୋଚର ଜମି ଜବରଦଖଲ ହୋଇଥିବାରୁ ଗୋଚାରଣ ପାଇଁ ଗ୍ରାମବାସୀ ଖୁବ୍ ଅସୁବିଧା ଭୋଗ କରୁଛନ୍ତି। ଏହି ସମସ୍ତ ଜମି ଜବରଦଖଲରୁ ମୁକ୍ତ କରି ଜଙ୍ଗଲ ସୃଷ୍ଟି କରାଗଲେ ଗ୍ରାମବାସୀଙ୍କ ସମେତ ପଶୁ ପକ୍ଷୀ ମଧ୍ୟ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ବେଲାର ବାଘ, ବୈକୁଣ୍ଠ ବଘାର, ସୁରୁସିଂ ସୁନା, ଦୟାନିଧି ବାଘ, ସତ୍ୟ ଭୁଏଙ୍କ ସମେତ ୬୭ ଜଣଙ୍କ ଦସ୍ତଖତ ରହିଛି।



# ବୌଦ୍ଧରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

ବୌଦ୍ଧ, ୧୭ ।୬(ସମିସ): ଶହିଦ ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ କଲିମ ଖାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବୌଦ୍ଧ ବିଧାୟକ ସୁଜୀତ ପାଢ଼ୀ, ପୂର୍ବତନ ଜିଲ୍ଲା ସଭାପତି ନବ ମିଶ୍ର ଯୋଗଦେଇ ବୌଦ୍ଧରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଅଭିଯୋଗ କରିଥିଲେ। ପ୍ରବୀଣା ସାହୁ



ଆତ୍ମହତ୍ୟା ଘଟଣା, ବନ୍ଧାପଥର ଗ୍ରାମରେ ହୋଇଥିବା ମହିଳାଙ୍କୁ ଗଣଦୁଷ୍କର୍ମ, ଜିଲ୍ଲାରେ ଗଞ୍ଜେଇ ଚୋରାଚାଲାଣ ଏବଂ ବାଲି ଚୋରାଚାଲାଣ ହେଉଥିବା କଂଗ୍ରେସ ପ୍ରକାଶ କରିଛି। ବିଶେଷକରି ପ୍ରବୀଣା ଆତ୍ମହତ୍ୟାକୁ ହତ୍ୟା ବୋଲି ଝିଅର ବାପା, ମା, ଅଭିଯୋଗ କରିଥିବା ବେଳେ ସେମାନଙ୍କୁ ଉଚିତ ନ୍ୟାୟ ମିଳିନାହିଁ। ତେବେ ପ୍ରବୀଣାର ସ୍ୱାମୀ ଅଜିତ ସାହୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ଯେ ମାମଲାର ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ସାହୁ ଜଣେ ଓକିଲ ତଥା କଂଗ୍ରେସ ନେତା। ସେ କେଶକୁ ରାଜନୈତିକ ରଙ୍ଗ ଦେଇ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି। ଅଜିତ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଜାମିନରେ ଆସିବା ପରେ ଅଭିଯୁକ୍ତ ସଞ୍ଜୀବ ସାହୁ ତାଙ୍କ ମୃତ ପତ୍ନୀଙ୍କ ସମ୍ବେଦନଶୀଳ ଫଟୋ ଭାଇରାଲ କରିବା ସହ ପରିବାରକୁ ଧମକ ଚମକ ଦେଉଛନ୍ତି। ଏହା ଦ୍ୱାରା ମାମଲାର ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ତାଙ୍କ ପରିବାରର ସମ୍ମାନହାନି ମଧ୍ୟ କରାଯାଉଥିବା ସେ କହିଛନ୍ତି। ଏହି ପରିସ୍ଥିତିରେ ଅଭିଯୁକ୍ତଙ୍କ ବିରୋଧରେ ଖୁବଶୀଘ୍ର ଏକ ମାନହାନି ମାମଲା ଦାୟର କରାଯିବ ବୋଲି ସେ କହିଛନ୍ତି। ପୋଷ୍ଟମର୍ଟମ ରିପୋର୍ଟରେ ପ୍ରବୀଣା ସାହୁଙ୍କ ମୃତ୍ୟୁ ଆତ୍ମହତ୍ୟା ବୋଲି ଉଲ୍ଲେଖ ଥିବାବେଳେ ଏହାକୁ ହତ୍ୟା ବୋଲି ପ୍ରଚାର କରାଯାଉଥିବା ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ନେଇ ଏଭଳି ପ୍ରଚାର ନ କରିବାକୁ ସେ ଅନୁରୋଧ କରିଛନ୍ତି। ଆଇନ, ଅଦାଲତ ଓ ପୁଲିସ ଉପରେ ତାଙ୍କର ପୂର୍ଣ୍ଣ ଭରସା ଥିବା ଦର୍ଶାଇ ଅଜିତ ସାହୁ କହିଛନ୍ତି ଯେ, ତାଙ୍କ ପତ୍ନୀଙ୍କୁ ନ୍ୟାୟ ମିଳିବା ସହ ଦୋଷୀଙ୍କୁ ଉଚିତ ଦଣ୍ଡ ମିଳିବ ବୋଲି ସେ ଆଶା ରଖିଛନ୍ତି।

# ୩ ବିଏଲଓ ସମ୍ମାନିତ

ତରଭା, ୧୭ ।୬(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାର ଏନୁମେରେସନ ଫର୍ମ ଡିଜିଟାଇଜେସନରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ୩ ଜଣ



ବିଏଲଓଙ୍କୁ ଏଇଆରଓ ତରଭା ତହସିଲଦାର ଶ୍ୱେତାଲିନା ମାହାଣାଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ସେମାନେ ହେଲେ ବିଏଲଓ ଦିଗାଲ ମହାନନ୍ଦ, ବିଏଲଓ ତରଣୀସେନ ନାଗ ଓ ବିଏଲଓ ପ୍ରମୋଦ ଧରୁଆ। ତହସିଲଦାର ସୁଶ୍ରୀ ମାହାଣା ପ୍ରମାଣପତ୍ର ପ୍ରଦାନ ପୂର୍ବକ ୩ ଜଣଙ୍କୁ ସମ୍ମାନିତ କରିଛନ୍ତି। ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣାଣି ଶିବିରକୁ ଆସିଲେନି ଜିଲ୍ଲାପାଳ, ଏସ୍ପି

ଶଗଡ଼ା, ୧୭ ।୬(ସମିସ)




ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ ସମିତି ସଭା ଗୃହରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଏସପି ଅନୁପସ୍ଥିତ ଥିବାରୁ ଅଭିଯୋଗକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ-ଜିଲ୍ଲାପାଳ ବିନୟ ଭୋଇ, ଏସ୍‌ଡିପିଓ ଲରେନ୍ସ ରାଉତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର ସାହୁ, ମନମୁଣ୍ଡା ସିଏଚ୍‌ସି ଅଧ୍ୟକ୍ଷ ଡ. ମହେନ୍ଦ୍ର ସଏ, ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୫୯ଟି ବ୍ୟକ୍ତିଗତ ଓ ୧୮ଟି ଗୋଷ୍ଠିଗତ ଅଭିଯୋଗର ଶୁଣାଣି ହୋଇଥିଲା। କିଛି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓ ସାମ୍ପୀ ରେଡ୍ଡୀ ଜୟଶ୍ରୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ଡେପୁଟି କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ବ୍ଲକର ସମସ୍ତ ଅଧିକାରୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା




ତରଭା, ୧୭ ।୬(ସମିସ): ଶିଶୁ ଶ୍ରମିକ ନିରାକରଣ ପାଇଁ ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରାଯାଉଥିବା ୧୫ ଦିନିଆ ସଚେତନତା ପକ୍ଷ ଅବସରରେ ଆଜି ସୁବର୍ଣ୍ଣପୁର ପୌର କାର୍ଯ୍ୟାଳୟ ନିକଟରୁ ଏକ ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ, ତରଭା, ବୀରମହାରାଜପୁର, ଉଲ୍ଲୁଣ୍ଡା ଓ ବିନିକା ବ୍ଲକର ସହକାରୀ ଶ୍ରମ ଅଧିକାରୀମାନଙ୍କ ସହ ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି)ର ଅଧ୍ୟକ୍ଷା ଲିନା ବାବୁ, ଟ୍ରେଡ୍ ୟୁନିଅନ୍ ସମନ୍ୱୟ କମିଟିର ସଭାପତି ଗୋବିନ୍ଦ ମହାରଣା, ରେଆର ସଂସ୍ଥାର ସାଧାରଣ ସମ୍ପାଦକ ତଥା ସିଇଓ ଅନଙ୍ଗ ନେଗୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ଚାଇଲ୍ଡ ହେଲ୍ପଲାଇନ୍, ଆଇଜେଏମ, ଗ୍ରାମ ଉତ୍ଥାନ, ସିଡବ୍ଲ୍ୟୁସି ସଦସ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ଯୋଗ ଦେଇଥିଲେ। ପଦଯାତ୍ରାଟି ସୋନପୁର ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଏହି ଅବସରରେ ଶିଶୁ ଶ୍ରମିକ ନିଷେଧ ସମ୍ପର୍କିତ ଆଇନ, ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ବିଷୟରେ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ସେହିପରି ଶିଶୁ ଶ୍ରମିକ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ ଦିଗରେ ସାମୂହିକ ଅଂଶଗ୍ରହଣ ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ସମସ୍ତଙ୍କୁ ସଚେତନ ହୋଇ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା ଓ ସର୍ବାଙ୍ଗୀଣ ବିକାଶ ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

# ଚାମେଲିଙ୍କୁ ନ୍ୟାୟ ପାଇଁ ବାହାରିଲା ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘ




ବୌଦ୍ଧ, ୧୭ ।୬(ସମିସ): ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ପୁଲିସ ନିର୍ଯାତନା ଓ ଅମାନବୀୟ ବ୍ୟବହାରକୁ ନେଇ ସମଗ୍ର ରାଜ୍ୟରେ ପ୍ରତିବାଦର ସ୍ୱର ତୀବ୍ର ହେଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘ ଦାବି କରିଛି। ଘଟଣାର ଉଚ୍ଚସ୍ତରୀୟ ନ୍ୟାୟିକ ତଦନ୍ତ, ମହାକାଳପଡ଼ା ବିଡିଓ କାର୍ଯ୍ୟାଳୟର ସିସିଟିଭି ଫୁଟେଜ ଏବଂ ସରପଞ୍ଚଙ୍କ ମୋବାଇଲରେ ଥିବା ସମସ୍ତ ତଥ୍ୟକୁ ସାର୍ବଜନୀନ କରିବା, ତାଙ୍କ ବିରୋଧରେ ରୁଜୁ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର କରିବା ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ଦାବି କରିଛି। ବୌଦ୍ଧ ଜିଲ୍ଲା ସରପଞ୍ଚ ସଂଘର ସଭାପତି ଅରୁଣ ବାଘ ଓ ସମ୍ପାଦକ ନିହାର କୁମାର ଘୋଷଙ୍କ ନେତୃତ୍ୱରେ ଜିଲ୍ଲାର ବହୁ ସରପଞ୍ଚ ଓ ଜନପ୍ରତିନିଧି ଏହି ଦାବିପତ୍ର ସମୟରେ ଚାମେଲି ଓଝାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ କରିବାକୁ ଆହ୍ୱାନ ଜଣାଇଛନ୍ତି। ନ ହେଲେ ଆଗାମୀ ଦିନରେ ଜିଲ୍ଲା ସରପଞ୍ଚ ସଂଘ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

